ସକାଳ THE SAKALA



www.sakalaepaper.com

### ନାବାଳକ ଚଳାଉଥିଲେ କାର୍

# ବୃଦ୍ଧଙ୍କୁ ଧକ୍କା ଦେଇ ଓଲଟିଲା; ୨ ଗୁରୁତର

ଧରାକୋଟ, ୯ ।୮ (ସମିସ): ବ୍ୟାପକ ସଚେତନତା ସତ୍ତ୍ୱେ ଚେତୁନାହାନ୍ତି ଲୋକେ। ନାବାଳକଙ୍କ ହାତରେ ଧରାଇ ଦେଉଛନ୍ତି ଗାଡ଼ି। ନାବାଳକ ଗାଡ଼ି ଚାଳକ ଧରାପଡ଼ିଲେ ପରିବାର ଲୋକେ ଦଣ୍ଡିତ ହେବେ ବୋଲି ନିୟମ ଥିଲେ ମଧ୍ୟ କିଛି ବେପରୁଆ ଅଭିଭାବକ ଆଇନକୁ ଫୁ' କରି ସନ୍ତାନଙ୍କ ହାତରେ ଗାଡ଼ି ଚାବି ଧରାଇ ଦେଉଛନ୍ତି। ଫଳରେ ଦୁର୍ଘଟଣା ଘଟିବା ସହ ଅକାରଣରେ ଧନ ଜୀବନ ହାନୀ ହେଉଛି।



ଶନିବାର ଦିନ ନାବାଳକ ଗାଡ଼ି ଚାଳକଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁ ଏପରି ଏକ ଦୁର୍ଘଟଣା ଘଟିଛି ଧରାକୋଟ ଥାନା ଅନ୍ତର୍ଗତ କେ. ରାମଚନ୍ଦ୍ରପୁର ଗାଁ ମୁଖ୍ୟ ରାସ୍ତାରେ। ନାବାଳକ ଚଳାଉଥିବା ଏକ କାର୍ (ଓଡି୦୫ବିଏସ୍-୮୩୫୭) ଜଣେ ବୃଦ୍ଧଙ୍କୁ ଧକ୍କା ଦେଇ ଓଲଟି ପଡ଼ିବାରୁ ସମ୍ପୃକ୍ତ ବୃଦ୍ଧ ଓ କାର୍ ଚଳାଉଥିବା ନାବାଳକ ଗୁରୁତର ଆହତ ହୋଇଥିବାବେଳେ କାର୍‌ରେ ବସିଥିବା ନାବାଳକଙ୍କ ଅନ୍ୟ ୨ଜଣ ସାଙ୍ଗ ମଧ୍ୟ ଆହତ ହୋଇଛନ୍ତି। ଆହତ ବୃଦ୍ଧ ହେଲେ କେ.ରାମଚନ୍ଦ୍ରପୁର ଗାଁର ମୋହନ କର(୭୦)। କାର୍ ଚଳାଉଥିବା ବାହାଡ଼ାଗୁଡା ଗ୍ରାମର ସମ୍ପୃକ୍ତ ନାବାଳକ ଓ ଆହତ ବୃଦ୍ଧ ମୋହନଙ୍କୁ ପ୍ରଥମେ ଆସ୍କା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ମୋହନଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ପୁଲିସ ଦୁର୍ଘଟଣାଗ୍ରସ୍ତ କାର୍ ଜବତ କରି ଘଟଣାର ତଦନ୍ତ କରୁଛି। ବାହାଡାଗୁଡା ଗ୍ରାମର ସମ୍ପୃକ୍ତ ତିନି ନାବାଳକ ମୁଣ୍ଡମରେଇ ଯାଉଥିବାବେଳେ କେ. ରାମଚନ୍ଦ୍ରପୁର ରାସ୍ତା କଡ଼ରେ ଠିଆ ହୋଇଥିବା ମୋହନଙ୍କୁ ଧକ୍କା ଦେଇ କାର୍‌ଟି ପୁରା ଫିଲ୍ମ ଷ୍ଟାଇଲରେ ଓଲଟି ପଡ଼ିଥିଲା।

### ଆଇଡିପୁର ପଞ୍ଚାୟତ

# ବୀମା ଜାଲିଆତି; ଥାନାର ଦ୍ୱାରସ୍ଥ ହେଲେ ସରପଞ୍ଚ

ଖଲ୍ଲିକୋଟ, ୯ ।୮ (ସମିସ)

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଆଇଡିପୁର ପଞ୍ଚାୟତରେ ବ୍ୟାପକ ବୀମା ଜାଲିଆତି ଅଭିଯୋଗ ହୋଇଛି। ମୃତ ବ୍ୟକ୍ତି କିମ୍ବା ମରିବାକୁ ଯାଉଥିବା ରୋଗୀଙ୍କ ନାମରେ ଇନ୍ସୁରାନ୍ସ ପଲିସି କରାଯାଇ ଟଙ୍କା ହଡ଼ପ କରାଯାଉଥିବା ଭଳି ଅଭିଯୋଗ ଆସିଛି। ନିକଟରେ ମୃତ୍ୟୁବରଣ କରିଥିବା ଜଣେ ମହିଳାଙ୍କ ଇନ୍ସୁରାନ୍ସ ଟଙ୍କା କ୍ଲେମ୍ ପାଇଁ ଆଇଡିପୁର ପଞ୍ଚାୟତର ନକଲି ପ୍ୟାଡ଼ରେ ସରପଞ୍ଚଙ୍କ ଦସ୍ତଖତ ମଧ୍ୟ ଜାଲ କରାଯାଇଥିବା ନେଇ ଖୋଦ ସରପଞ୍ଚ ଟ୍ୱିଙ୍କିଲ୍ ତରେଇ ଖଲ୍ଲିକୋଟ ଥାନାରେ ଅଭିଯୋଗ କରିଛନ୍ତି। ସେ ଏହାର ତଦନ୍ତ ଦାବି କରିଛନ୍ତି।

ପ୍ରକାଶ ଯେ, ଆଇଡିପୁର ଗ୍ରାମର ଲୋକନାଥ ସାହୁଙ୍କ ସ୍ତ୍ରୀ ସୁନ୍ଦରୀ ସାହୁ ମୃତ୍ୟୁବରଣ କରିଥିବା ବେଳେ ତାଙ୍କର ବୀମା ଟଙ୍କା ପାଇବାକୁ ପରିବାର ତରଫରୁ କ୍ଲେମ୍ କରାଯାଇଥିଲା। ଏହାର ତଦନ୍ତ ପାଇଁ ବ୍ରହ୍ମପୁର ପୋଷ୍ଟାଲ ଡିପାର୍ଟମେଣ୍ଟର ଉଚ୍ଚ ପଦସ୍ଥ ଅଧିକାରୀ ବସନ୍ତ କୁମାର ପଣ୍ଡା ଗୁରୁବାର ଆଇଡିପୁର ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେ ସୁନ୍ଦରୀଙ୍କ ମୃତ୍ୟୁର କାରଣ ସମ୍ପର୍କରେ ସରପଞ୍ଚ ଟ୍ୱିଙ୍କିଲ୍ ତରେଇଙ୍କୁ ପଚାରି ଥିଲେ। କିନ୍ତୁ ଏ ସମ୍ପର୍କରେ କିଛି ଜାଣି ନଥିବା ଏବଂ ସମ୍ପୃକ୍ତ ମହିଳାଙ୍କ ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ମୃତ୍ୟୁ ଘଟିଲାଣି ଓ ସେ ଦୀର୍ଘ ଦିନ ଧରି ବିଭିନ୍ନ ରୋଗରେ ପୀଡିତ ଥିଲେ ବୋଲି କହିଥିଲେ।



ଏହାପରେ ପୋଷ୍ଟାଲ ଇନ୍ସୁରାନ୍ସ ଅଧିକାରୀ ଶ୍ରୀ ପଣ୍ଡା ଆଇଡିପୁର ପଞ୍ଚାୟତର ୮ ଏପ୍ରିଲ ୨୦୨୫ରେ ଜାରି ହୋଇଥିବା ଏକ ଲେଟର ପ୍ୟାଡ୍ ଯେଉଁଥିରେ ସରପଞ୍ଚଙ୍କ ଦସ୍ତଖତ ଥିଲା ତାହା ଦେଖାଇଥିଲେ। ଯେଉଁଥିରେ ଲେଖାଥିଲା ମୃତ ସୁନ୍ଦରୀ ସାହୁ, ସ୍ୱାମୀ -ଲୋକନାଥ ସାହୁ, ବୟସ -୫୦ ବର୍ଷ, ସେ ଜଣେ ସ୍ୱାସ୍ଥ୍ୟବାନ ମହିଳା ଥିଲେ। କିନ୍ତୁ ସେ ମରିବାର ୨ ଦିନ ପୂର୍ବରୁ ତାଙ୍କର ଗୋଡ଼, ହାତ, ମୁହଁ ଫୁଲି ଯାଇଥିଲା। ଗାଁ ଔଷଧ ଦୋକାନରୁ ଔଷଧ କିଣି ଖାଇଥିଲେ। ନ କମିବାରୁ ଦ୍ୱିତୀୟ ଦିନ ମେଡିକାଲ ନେବାକୁ ଗାଡ଼ି ଡାକିବାବେଳେ ୨୭ ଏପ୍ରିଲ୍ ୨୦୨୩ଦିନ ସେ ହଠାତ ମୃତ୍ୟୁବରଣ କରିଥିଲେ। ଏହି ଲେଟର ପ୍ୟାଡ଼ ନକଲି ଓ ସରପଞ୍ଚଙ୍କ ଦସ୍ତଖତ ଜାଲ ବୋଲି ଜଣାପଡିଥିଲା। ତେଣୁ ଶୁକ୍ରବାର ସରପଞ୍ଚ ଖଲ୍ଲିକୋଟ ଥାନାରେ ଏତଲା ଦେବା ସହ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏହି ଗୋଟିଏ ଘଟଣା ନୁହଁ ଗତ ପ୍ରାୟ ୧୫ ବର୍ଷ ହେଲା ଏହିଭଳି ଜାଲିଆତି ହେଉଥିବା ଶୁଣାଯାଉଛି ବୋଲି ସରପଞ୍ଚଙ୍କ ସ୍ୱାମୀ ମୋହନ ତରେଇ କହିଛନ୍ତି। କିନ୍ତୁ ସେମାନଙ୍କ ନିକଟରେ କୌଣସି ପ୍ରମାଣ ନ ଥିବାରୁ ଏହା ଚାଲିଥିଲା। କିନ୍ତୁ ବର୍ତ୍ତମାନ ପ୍ରମାଣ ହାତରେ ଲାଗିଥିବାରୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ଯୁବକଙ୍କ ଗଳିତ ଶବ ଉଦ୍ଧାର

● ୨୭ରୁ ନିଖୋଜ ଥିଲେ, ୨ ତାରିଖରେ ବାପାଙ୍କ ମୃତ୍ୟୁ ଘଟିଛି

ପୁରୁଷୋତ୍ତମପୁର, ୯ ।୮ (ସମିସ): ପୁରୁଷୋତ୍ତମପୁର ଏନ୍ଏସି ଅନ୍ତର୍ଗତ କୁମାରୀ ଛକ ବନ୍ଧ ନିକଟସ୍ଥ ମୁକୁଳା ଟ୍ରାନ୍ସଫର୍ମର ପାଖରୁ ଜଣେ ଦିବ୍ୟାଙ୍ଗ ଯୁବକଙ୍କ ଗଳିତ ଶବ ଉଦ୍ଧାର ହୋଇଛି। ମୃତକ ହେଲେ କବି ମହାରଣା (୨୭)। ଶନିବାର ବନ୍ଧ ନିକଟରୁ ଦୁର୍ଗନ୍ଧ ବାହାରିବାରୁ ଲୋକେ ଯାଇ ମୃତଦେହ ଠାବ କରିଥିଲେ। କବି ମହାରଣା ଗତମାସ ୨୭ ତାରିଖରୁ ନିଖୋଜ ଥିଲେ। ପୁଅର ନିଖୋଜ ପରେ ଗତ ୨ତାରିଖରେ ବାପା ସୁରେନ୍ଦ୍ର ମହାରଣାଙ୍କର ମୃତ୍ୟୁ ଘଟିଥିଲ। ବାପାଙ୍କ ମୃତ୍ୟୁର ୮ ଦିନ ପରେ ଶନିବାର ବନ୍ଧ ନିକଟସ୍ଥ ମୁକୁଳା ବିଦ୍ୟୁତ୍ ଟ୍ରାନ୍ସଫର୍ମର ପାଖରୁ ଦିବ୍ୟାଙ୍ଗ ପୁଅର ଗଳିତ ମୃତଦେହ ମିଳିଛି। ଏପରି ଦୁଃଖଦ ଘଟଣା ନେଇ ଗ୍ରାମରେ ଶୋକାକୁଳ ପରିବେଶ ଦେଖାଦେଇଛି। ପୁଲିସ ଏସ୍ଆଇ ଆଦିତ୍ୟ ନାରାୟଣ ପାତ୍ର ଶବ ଜବତ କରିବା ସହ ଏକ ମାମଲା ରୁଜୁ କରିଛି। ବିଦ୍ୟୁତ୍ ବିଭାଗର ଦାୟିତ୍ୱହୀନତା ଯୋଗୁ ଏଭଳି ଘଟିଥିବାର ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

## ବନ୍ଧରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଖଲ୍ଲିକୋଟ, ୯ ।୮ (ସମିସ): ରାକ୍ଷୀ ପୂର୍ଣ୍ଣମୀରେ ଖଲ୍ଲିକୋଟ ଥାନା ଅନ୍ତର୍ଗତ ଭରସା ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ବନ୍ଧରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଭରସା ଗ୍ରାମର ସନ୍ତୋଷ ଗୌଡ଼। ଶନିବାର ସକାଳେ ସନ୍ତୋଷ ବନ୍ଧକୁ ଗାଧୋଇ ଯାଇ ବୁଡ଼ି ଯାଇଥିଲେ। ପୂର୍ବାହ୍ନ ସାଢ଼େ ୧୧ଟାରେ ସ୍ଥାନୀୟ ଲୋକେ ମୃତଦେହ ଭାସୁଥିବା ଦେଖି ଖଲ୍ଲିକୋଟ ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ସନ୍ତୋଷଙ୍କ ମୃତଦେହ ଉଦ୍ଧାର କରି ଖଲ୍ଲିକୋଟ ମେଡ଼ିକାଲକୁ ନେଇଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ଦୁର୍ଘଟଣାରେ ଭାଣିଜୀ ମୃତ; ମାମୁଁ ଗୁରୁତର

ଆସିକା, ୯ ।୮ (ସମିସ): କୋଦିନଡ଼ା ଥାନା ଅନ୍ତର୍ଗତ କଲେଜ ଛକ ନିକଟରେ ଡାଲା ଅଟୋ ସହ ବାଇକ୍ ଧକ୍କା ହେବାରୁ ଭାଣିଜୀଙ୍କ ମୃତ୍ୟୁ ଘଟିଥିବାବେଳେ ମାମୁ ଗୁରୁତର ହୋଇଛନ୍ତି। ଗୁରୁତର ମାମୁଙ୍କୁ ପ୍ରଥମେ ଆସିକା ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୁଲିସ ଏନେଇ ଏକ ମାମଲା ରୁଜୁ କରିବା ସହ ଦୁର୍ଘଟଣା ଘଟାଇଥିବା ଅଟୋ ଚାଳକଙ୍କୁ ଅଟକ ରଖି ଘଟଣାର ତଦନ୍ତ କରୁଛି। ସୂଚନାନୁସାରେ, ଗୁଡ଼ିଆଳିର ପିଣ୍ଟୁ ଭୂୟାଁଙ୍କ ଘରେ ଶୁଦ୍ଧିକ୍ରିୟା ଥିଲା। ଶୁଦ୍ଧିକ୍ରିୟା ସରିବା ସହ ପିଣ୍ଟୁ ତାଙ୍କ ଭଉଣୀ ପପିନା ବିଷୋୟୀ ଓ ଭାଣିଜୀ ଶୁଭସ୍ମିତା ବିଷୋୟୀଙ୍କୁ ନେଇ ପପିନାଙ୍କ ଶାଶୁଘର ରୁମାଗଡ଼ ଯାଉଥିଲେ। ତିନିହେଁ ବାଇକ୍ ଯୋଗେ ଯାଉଥିବାବେଳେ କଲେଜ ଛକ ନିକଟରେ ବିପରୀତ ପାର୍ଶ୍ୱରୁ ଆସୁଥିବା ଏକ ଡାଲା ଅଟୋ ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଶୁଭସ୍ମିତା ଓ ପିଣ୍ଟୁ ଗୁରୁତର ହୋଇଥିଲେ। ଉଭୟଙ୍କୁ ଆସିକା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଡାକ୍ତର ଭାଣିଜୀ ଶୁଭସ୍ମିତାଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷେ ପିଣ୍ଟୁଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ତେବେ ପପିନା ଅଳ୍ପକେ ବର୍ତ୍ତି ଯାଇଛନ୍ତି।

## ୬ ଜୁଆଡ଼ି ଗିରଫ; ବାଇକ୍ ଓ ଟଙ୍କା ଜବତ

ବେଲଗୁଣ୍ଠା, ୯।୮ (ସମିସ): ଶୁକ୍ରବାର ରାତିରେ ବେଲଗୁଣ୍ଠା ପୁଲିସ୍ ଏକ ଜୁଆ ଆଡ୍ଡା ଉପରେ ଚଡ଼ଉ କରି ୬ ଜୁଆଡ଼ିଙ୍କୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ନଗଦ ଟଙ୍କା, ମୋବାଇଲ୍, ବାଇକ୍ ଏବଂ ତାସ୍ ଜବତ କରିଛି। ସୂଚନା ପ୍ରକାରେ, ଶୁକ୍ରବାର ରାତିରେ ବେଲଗୁଣ୍ଠା ଥାନା ଏସ୍ଆଇ ବିଶ୍ୱରଞ୍ଜନ ନାୟକ ଏବଂ ତାଙ୍କ ଟିମ୍ ବରଗାଁ ହାଇସ୍କୁଲ୍ ନିକଟ ଅଙ୍ଗନବାଡ଼ି କେନ୍ଦ୍ରରେ ଜୁଆଖେଳ ଚାଲିଥିବାବେଳେ ଚଡ଼ଉ କରିଥିଲେ। ସେଠାରୁ ୬ ଜଣଙ୍କୁ କାବୁ କରିବା ସହିତ ସେମାନଙ୍କ ନିକଟରୁ ନଗଦ ୧୩,୪୬୦ ଟଙ୍କା, ୫ଟି ମୋବାଇଲ୍, ଗୋଟିଏ ବାଇକ୍ ଓ ଦୁଇ ସେଟ୍ ତାସ୍ ଜବତ କରିଥିଲା। ଗିରଫ ହୋଇଥିବା ଜୁଆଡି ମାନେ ହେଲେ ବରଗାଁର ଶିବ ଗୌଡ଼, ରାଜେନ୍ଦ୍ର ଜେନା, ମିଥୁନ୍ ପୋଲେଇ, ଟୁଲୁ ବିଷୋୟୀ, ଆଶିଷ ଗୌଡ଼ ଏବଂ ରାକେଶ ରଣା। ଏକ ମାମଲା ରୁଜୁ କରି ଗିରଫ ୬ ଜୁଆଡିଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଲଗୁଣ୍ଠା ଥାନା ଅଧିକାରୀ ରେବତୀ ଶବର ସୂଚନା ଦେଇଛନ୍ତି।

## ନାଳରେ ପଡ଼ି ମହିଳା ମୃତ

ମୋହନା, ୯।୮ (ସମିସ): ମୋହନା ଥାନା ଆନନ୍ଦପୁର ଗ୍ରାମରେ ରାସ୍ତା କଡ଼ରେ ଥିବା ଏକ ନାଳରେ ପଡ଼ିଯିବାରୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ଖାରୀଗୁଡା ଗ୍ରାମର ଅମ୍ରିତା ନାୟକ। ଆଜି ସକାଳେ ଅମ୍ରିତା ଶୌଚ ପାଇଁ ଆନନ୍ଦପୁର ଗ୍ରାମ ରାସ୍ତା କଡ଼କୁ ଯାଇଥିଲେ। କୌଣସି କାରଣବଶତଃ ରାସ୍ତା କଡ଼ ନାଳରେ ପଡ଼ି ଯାଇଥିଲେ। ପାଣି ବହୁତ ଥିବାରୁ ଖୋଜା ଖୋଜି କରିବା ବିଳମ୍ବ ହୋଇଥିଲା। ପରେ ଅମ୍ରିତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଲୋକେ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୋହନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣା ର ତଦନ୍ତ କରୁଛି।

## ନନ୍ଦଗିରିରେ ପଶିଲା ଦନ୍ତା; ଭାଙ୍ଗିଲା ଘର



ଜି.ଉଦୟଗିରି, ୯।୮ (ସମିସ): ଜି.ଉଦୟଗିରିରେ ଲାଗି ରହିଛି ହାତୀ ଉପଦ୍ରବ। ହାତୀ ଆତଙ୍କରେ ଲୋକେ ଘରୁ ବାହାରିବାକୁ ବାହାରିବା ପାଇଁ ଡ଼ରୁ ଥିବା ବେଳେ ନଷ୍ଟ ହେଉଛି ଧନ ଜୀବନ। ହାତୀ ଉପଦ୍ରବରୁ ରକ୍ଷା ପାଇବା ପାଇଁ ଅଞ୍ଚଳବାସୀ ଜିଲ୍ଲାପାଳଙ୍କ ସହିତ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀଙ୍କ ନିକଟରେ ଗୁହାରି କରିଛନ୍ତି। ଏଭଳି ସ୍ଥିତିରେ ଶୁକ୍ରବାର ରାତି ନଅ ଟାରେ ଜି.ଉଦୟଗିରି ଠାରୁ ମାତ୍ର ତିନି କିମି ଦୂର ନନ୍ଦଗିରିରେ ହାତୀ ପଶି ଉପଦ୍ରବ କରିଥିଲା। ଘର ଭାଙ୍ଗିବା ସହ ବ୍ୟାପକ ଫସଲ ନଷ୍ଟ କରିଛି। ଗ୍ରାମବାସୀଙ୍କ ସହିତ ବନ ବିଭାଗ କର୍ମଚାରୀ ମିଶି ହାତୀକୁ ଗାଁ ବାହାରକୁ ବାହାର କରିଥିଲେ। କିନ୍ତୁ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। କେବେ ଏହି ସମସ୍ୟାରୁ ମୁକ୍ତି ମିଳିବ ଲୋକ ରାହା ଖୋଜୁଛନ୍ତି।

## ବାର୍‌ହା ଫାଶରେ ପଡ଼ିଲା ଷଣ୍ଢ

ସାନଖେମୁଣ୍ଡି, ୯ ।୮ (ସମିସ): ବାର୍‌ହା ଫାଶରେ ଛନ୍ଦିହେଲା ଷଣ୍ଢ। ଅଗ୍ନିଶମ ବାହିନୀ ସହାୟତାରେ ସ୍ଥାନୀୟ ଲୋକେ ଉଦ୍ଧାର କଲେ। ଏଭଳି ଘଟଣା ଦେଖିବାକୁ ମିଳିଛି ସାନଖେମୁଣ୍ଡି ମୌଲାଭଣଜା ପଞ୍ଚାୟତ ଖୋଲଡି ଗ୍ରାମରେ। ବାର୍‌ହା କବଳରୁ ନିଜ ଫସଲ ବଞ୍ଚାଇବାକୁ ଚାଷୀ ବିଛାଇ ଥିଲେ ଲୁହା ତାର। ବାର୍‌ହା ବଦଳରେ ଫଁଶିଯାଇଥିଲା ଏକ ଷଣ୍ଢ। ଦୁଇ ତିନି ଧରି ଷଣ୍ଢ ଗୁରୁତର ଆହତ ଅବସ୍ଥାରେ ଏଣେ ତେଣେ ବୁଲୁଥିବା ବେଳେ ସ୍ଥାନୀୟ ଲୋକ ମଧ୍ୟ କାବୁ କରି ପାରି ନଥିଲେ। ଶୁକ୍ରବାର ରାତିରେ କୌଶଳ କ୍ରମେ ଅଗ୍ନିଶମ ବାହିନୀ ସହାୟତାରେ ଷଣ୍ଢଟିକୁ କାବୁ କରି ଗୋଡ଼ରୁ ଲୁହା ତାର ବାହାର କରାଯାଇଥିଲା। କିନ୍ତୁ ବନ ବିଭାଗ ପ୍ରାଣୀ ଚିକିତ୍ସକଙ୍କୁ ଖବର ଦିଆଯାଇଥିଲେ ସୁଦ୍ଧା ଷଣ୍ଢଟିର କୌଣସି ଚିକିତ୍ସା କରାଯାଇନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ରାକ୍ଷୀ ବାନ୍ଧି ସଡ଼କ ସୁରକ୍ଷା ସଚେତନତା



ଛତ୍ରପୁର, ୯ ।୮ (ସମିସ): ଗଞ୍ଜାମ ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ରାକ୍ଷୀ ବାନ୍ଧି ଲୋକଙ୍କୁ ସଡ଼କ ସୁରକ୍ଷା ଲାଗି ସଚେତନ କରାଯାଇଛି। ସହରର ଭିଆଇପି ରୋଡ଼ ସମେତ ଜାତୀୟ ରାଜପଥରେ ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରୀମାନେ ବିନା ହେଲମେଟ ଓ ବିନା ସିଟ ବେଲ୍ଟରେ ଗାଡି ଚଳାଉଥିବା ଲୋକଙ୍କୁ ଅଟକାଇ ସେମାନଙ୍କ ହାତରେ ରାକ୍ଷୀ ବାନ୍ଧି ସଚେତନ କରିଥିଲେ। ପ୍ରତ୍ୟେକ ଭଉଣୀ ପାଇଁ ତାର ଭାଇର ଜୀବନ ମୂଲ୍ୟବାନ ଏଣୁ ଭାଇର ସୁରକ୍ଷା ପାଇଁ ଗାଡି ଚଳାଇବା ବେଳେ ହେଲମେଟ ବ୍ୟବହାର, ସିଟ୍‌ବେଲ୍ଟ ବ୍ୟବହାର କରିବା, ମଦ୍ୟପନ କରି ଗାଡି ନ ଚଳାଇବା, ଗାଡ଼ିରେ ଓଭର ଲୋଡ଼ିଂ ନ କରିବା ଆଦି ଉପରେ ସଚେତନ କରାଯାଇଥିଲା। ଛତ୍ରପୁର ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ପ୍ରାୟ ୨୦୦ ଜଣଙ୍କୁ ରାକ୍ଷୀ ବାନ୍ଧି ସଡ଼କ ସୁରକ୍ଷା ସଚେତନତା କରାଯାଇଥିବା ଗଞ୍ଜାମ ଆଞ୍ଚଳିକ ପରିବହନ ଅଧିକାରୀ ସୂଚନା ଦେଇଛନ୍ତି।

କାର୍ଯ୍ୟକ୍ରମରେ ଗଞ୍ଜାମ ଆଞ୍ଚଳିକ ପରିବହନ ଅଧିକାରୀ ମାନସ ରଞ୍ଜନ ସାହୁ, ମୋଟର ଯାନ ନିରୀକ୍ଷକ ରବୀନ୍ଦ୍ର ନାଥ ଜେନା, ଅଜୟ କୁମାର ବାରିକଙ୍କ ସମେତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ବହୁ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ବରଗଛରେ ରାକ୍ଷୀ ବାନ୍ଧିଲେ ଶିଶୁ



ଧରାକୋଟ, ୯ ।୮ (ସମିସ): ଧରାକୋଟ ବ୍ଲକ ଗଡ଼ଦାମୋଦରପଲ୍ଲୀ ଏବଂ ତାଳପାଟଣା ଗ୍ରାମରେ ଛୋଟ ଛୋଟ ପିଲା ଋଷିକୂଲ୍ୟା ତଟରେ ଥିବା ବରଗଛରେ ରାକ୍ଷୀ ବାନ୍ଧି ନିଆରା ବାର୍ତ୍ତା ଦେଇଛନ୍ତି। ଅମ୍ଳଜାନ ଆମ ଶରୀରର ଏକ ରକ୍ଷକ। ଅମ୍ଳଜାନକୁ ତିଆରି କରେ ବୃକ୍ଷ। ତେଣୁ ଆମେ ଏହି ବରବୃକ୍ଷରେ ରାକ୍ଷୀ ବାନ୍ଧିବା ସହ ବୃକ୍ଷରୋପଣ ଏବଂ ବୃକ୍ଷର ସୁରକ୍ଷା ପ୍ରତି ସମସ୍ତଙ୍କ ଆଗ୍ରହ ରହିବା ଆବଶ୍ୟକ ବୋଲି କୁନି କୁନି ପିଲା ବାର୍ତ୍ତା ଦେଇଛନ୍ତି।

## କଇଥ ସାହିରେ ଗହ୍ମା ଡିଆଁ



ଜଗନ୍ନାଥପ୍ରସାଦ, ୯ ।୮ (ସମିସ): ଆଧୁନିକାତାର ସ୍ପର୍ଶରେ ଅନେକ ପାରମ୍ପରିକ ଲୋକ ସଂସ୍କୃତି ଦିନକୁ ଦିନ ଲୋପ ପାଇବାକୁ ବସିଥିଲେ ହେଁ ଜଗନ୍ନାଥ ପ୍ରସାଦ କଇଥ ସାହିରେ ଆଜି ବି ବଞ୍ଚି ରହିଛି ଗହ୍ମା ଡିଆଁ ପରମ୍ପରା। ସାହି ବାସିନ୍ଦାଙ୍କ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସମାଜସେବୀ ସଞ୍ଜୟ ପ୍ରଧାନ ଉଦ୍‌ଘାଟନ କରିଥିଲେ। ଫିରୋଜ ଗୌଡ଼, ଟୁଲୁ ପ୍ରଧାନ, ସଞ୍ଜୟ ବେହେରା, ମିଟୁ ଗୌଡ଼, ନନ୍ଦିଆ ଗୌଡ଼, ରମେଶ ଗୌଡ଼, ଅଶୋକ ପ୍ରଧାନ, ଦିଲ୍ଲୀପ କୁମାର ପ୍ରଧାନ, ବାଲାଜୀ ବେହେରା, ନୂତନ ପ୍ରଧାନ, ଧବଳେଶ୍ୱର ବେହେରା, ଲକ୍ଷଣ ଗୌଡ଼, ରାକେଶ ବେହେରା, ଟୁଲୁ ପ୍ରଧାନଙ୍କ ସମେତ ସମସ୍ତ କଇଥ ସାହି ଗ୍ରାମବାସୀ ସହଯୋଗ କରିଥିଲେ।

## ସାର କଳାବଜାରୀ ଅଭିଯୋଗ; କାର୍ଯ୍ୟାନୁଷ୍ଠାନ ଦାବି



ପାତ୍ରପୁର, ୯ ।୮ (ସମିସ): ପାତ୍ରପୁର ବ୍ଲକ ବାଦପୁର ପଞ୍ଚାୟତ ଅନ୍ତର୍ଗତ ଜିଲୁଣ୍ଡା ଗ୍ରାମର ଚାଷୀ ଶୁକ୍ରବାର ପାତ୍ରପୁର ତହସିଲଦାର ଓ କୃଷି ବିଭାଗ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁସାରେ ୧୭ ଶହ ଟଙ୍କାର ସାରକୁ ସରକାରଙ୍କ ପକ୍ଷରୁ ଅନୁମତି ପାଇଥିବା ପାତ୍ରପୁର ଗ୍ରାମର ନିର୍ଦ୍ଦିଷ୍ଟ ସାର ଦୋକାନୀ ୧୮ ଶହ ଟଙ୍କାରେ ବିକ୍ରି କରୁଛନ୍ତି। ସେହିଭଳି ଚାଷୀ ମାନେ ଏହାର ପ୍ରତିବାଦ କରିବା ସହ ସାର କିଣିବାର ରସିଦ ମାଗିବାରୁ ୫% ଟିକସ ଅଧିକ ଦେବାକୁ ପଡ଼ିବ ବୋଲି କହିଥିଲେ। ଏହାକୁ ଚାଷୀ ବିରୋଧ କରିଥିବା ବେଳେ ସାର ଦୋକାନୀ ଜଣକ ଚାଷୀଙ୍କୁ ସାର ଦେବାକୁ ମନା କରିଥିବା ଚାଷୀ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ପାତ୍ରପୁର କୃଷି ଅଧିକାରୀ ପ୍ରଣତି ପଣ୍ଡାଙ୍କ ସହ ଯୋଗାଯୋଗ କରିବାରୁ ଚେଷ୍ଟା କରାଯାଇଥିବା ବେଳେ ସମ୍ଭବ ହୋଇନଥିଲା। ସେହିଭଳି ପାତ୍ରପୁର ତହସିଲଦାର ଅଶୋକ ପଟ୍ଟନାୟକଙ୍କ ସହ ଯୋଗାଯୋଗ କରିବାରୁ ସେ ଛୁଟିରେ ଥିବା ବେଳେ ଘଟଣା ସମ୍ପର୍କରେ ସୂଚନା ନଥିବା ପ୍ରକାଶ କରିଥିଲେ। ଅଭିଯୋଗ ପତ୍ର ପ୍ରଦାନ ବେଳେ ଗ୍ରାମର ଶିବ ପ୍ରଧାନ, କୈଳାସ ପ୍ରଧାନ, ଗୀତା ପ୍ରଧାନ, ଟୁକୁ ପ୍ରଧାନ, ଧ୍ରୁବଣି ପ୍ରଧାନ ପ୍ରମୁଖଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ। ତେବେ ବିଭାଗୀୟ ଅଧିକାରୀ ମାନେ ଘଟଣାର ସତ୍ୟତା ଅନୁସନ୍ଧାନ କରିବା ସହ ସାର କଳବଜାରୀ ରୋକିବା ପାଇଁ ଚାଷୀ ମାନେ ଦାବି କରିଛନ୍ତି।

## ରାକ୍ଷୀ ବାନ୍ଧି ପାଉଣା ଦେଲେ ମୂଲ୍ୟବାନ ଚାରା

ସୋରଡ଼ା, ୯ ।୮ (ସମିସ): ରକ୍ଷା ବନ୍ଧନକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି ବଡ଼ଗଡ଼ ବନାଞ୍ଚଳ ଅଧିକାରୀ ଅଞ୍ଜନ କୁମାର ନାୟକ। ଲୋକାମାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଙ୍କୁ ନେଇ 'ଭାଇ ପାଇଁ ଗଛଟିଏ' କାର୍ଯ୍ୟକ୍ରମ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରୀ ବନାଞ୍ଚଳ ଅଧିକାରୀ ଅଞ୍ଜନ କୁମାର ନାୟକଙ୍କୁ ରାକ୍ଷୀ ବାନ୍ଧିଥିଲେ। ଉପହାର ସ୍ୱରୂପ ବନାଞ୍ଚଳ ଅଧିକାରୀ ଛାତ୍ରୀମାନଙ୍କୁ ବିଭିନ୍ନ ପ୍ରକାରର ମୂଲ୍ୟବାନ ଚାରା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀମାନେ ଅତ୍ୟନ୍ତ ଖୁସି ହେବା ସହିତ ବନାଞ୍ଚଳ ଅଧିକାରୀଙ୍କ ଏଭଳି କାର୍ଯ୍ୟପାଇଁ ଅଞ୍ଚଳବାସୀ ଧନ୍ୟବାଦ ଜଣାଇଥିଲେ। ବନାଞ୍ଚଳ ଅଧିକାରୀଙ୍କ ସହ ଫରେଷ୍ଟର ବସନ୍ତ କୁମାର ସେଠୀ ଯୋଗଦେଇଥିଲେ।

## ସାପ କାମୁଡ଼ାରେ ଚାଷୀ ମୃତ

ଆସିକା, ୯ ।୮ (ସମିସ): ଆସିକା ଥାନା ଅନ୍ତର୍ଗତ ଗୁଣ୍ଡପଡା ପଞ୍ଚାୟତର ସୁମନ୍ତପଲ୍ଲୀ ଗାଁର ସାପ କାମୁଡ଼ାରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନାର୍ସୁ ପ୍ରଧାନ। ସେ ନିଜ ଜମିରେ କାମ କରୁଥିବାବେଳେ ସାପ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଆସିକା ମେଡ଼ିକାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ଘରୋଇ ନର୍ସିଂ ହୋମ୍ ସିଲ୍ ଘଟଣା

# ମାମଲା ଉଠାଇବାକୁ କ୍ଲିନିକ ମାଲିକଙ୍କ ହତ୍ୟା ଧମକ

ଦିଗପହଣ୍ଡି, ୯ ।୮ (ସମିସ): ସାନଖେମୁଣ୍ଡି ବ୍ଲକ ଡେଙ୍ଗାଓସ୍ତା ମୁଖ୍ୟ ରାସ୍ତାକଡ଼ରେ ଥିବା ସାହାରା ନର୍ସିଂହୋମ୍‌ରେ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଯୋଗୁ ଗତ ମେ' ୧୧ରେ ସିଙ୍ଗପୁର ଗ୍ରାମର ମାଗୁଣି ନାୟକଙ୍କ ଝିଅ ରୋଜି ନାୟକ ଏବଂ ତାଙ୍କ ନବଜାତକଙ୍କ ମୃତ୍ୟୁ ଘଟିଥିଲା। ଘଟଣାରେ ସମ୍ପୃକ୍ତ ଥିବା ନର୍ସିଂହୋମ୍ ମାଲିକ ମଙ୍ଗୁଲୁ ପ୍ରଧାନ, ଅପରେସନ କରିଥିବା ନର୍ସିଂହୋମର ଡାକ୍ତର, ମହିଳା ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ ପ୍ରମୁଖଙ୍କ ଅବହେଳାରୁ ତାଙ୍କ ସ୍ତ୍ରୀ ଓ ଛୁଆଙ୍କ ମୃତ୍ୟୁ ଘଟିଥିବା ପାଟପୁର ଥାନା କଲରାପଦର ଗ୍ରାମର ରୋଜିଙ୍କ ସ୍ୱାମୀ ବାବୁ ନାୟକ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଭାରପ୍ରାପ୍ତ ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ର ମାମଲା (ନଂ.୧୭୪/୨୫) ରୁଜୁ କରି ତଦନ୍ତ ଚଳାଇଥିଲେ। କ୍ଲିନିକ୍ ମାଲିକ ମଙ୍ଗୁଲୁ ଗିରଫ ଭୟରେ ଫେରାର ଥିବାବେଳେ ଡେଙ୍ଗାଓସ୍ତା ଗ୍ରାମ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମହିଳା ସ୍ୱାସ୍ଥ୍ୟକର୍ମୀ ମଧୁସ୍ମିତା ପଟ୍ଟନାୟକଙ୍କୁ ତଦନ୍ତକାରୀ ଅଧିକାରୀ ଏସ୍ଆଇ ଜ୍ୟୋତି ରଞ୍ଜନ ବେହେରା ମେ' ୧୯ରେ ଗିରଫ କରି କୋର୍ଟଚାଲାଣ କରିଥିଲେ।

ମୁଖ୍ୟ ଅଭିଯୁକ୍ତ କ୍ଲିନିକ୍ ମାଲିକ ମଙ୍ଗୁଲୁ ତାଙ୍କ ସହଯୋଗୀ ଅଶ୍ୱିନୀ ଦୋରା ଏବଂ ଅନ୍ୟ ୨ ଜଣଙ୍କୁ ଗତ ଜୁଲାଇ ୩୦ରେ ରୋଜିଙ୍କ ବାପା ମାଗୁଣିଙ୍କୁ ଭେଟି ଯେତେ ଚଞ୍ଚଳ ପାରିବ କେସ୍ ଉଠାଇ ଦିଅ ନଚେତ୍ ଜୀବନରେ ମାରିଦେବୁ ବୋଲି ଧମକ ଦେଇଥିଲେ। ଗତ ବୁଧବାର ମାଗୁଣି ଡେଙ୍ଗାଓସ୍ତା ଗ୍ରାମ ବଜାରକୁ ଯାଇଥିବା ବେଳେ ଗାଁ ଛକରେ କ୍ଲିନିକ୍ ମାଲିକ ମଙ୍ଗୁଲୁ ତାଙ୍କୁ ଗାଳିଗୁଲଜ ସହ ତୁରନ୍ତ କେସ୍ ସମାଧାନ ନକଲେ ପରିସ୍ଥିତି ଭୟାବହ ହେବ ବୋଲି ଧମକ ଦେଇଥିଲେ। ତୋତେ ଶେଷ କରିବାକୁ ମୋତେ ବେଶି ସମୟ ଲାଗିବ ନାହିଁ। କେସରେ ସାକ୍ଷ୍ୟ ପ୍ରମାଣ ଦେବୁ ନାହିଁ ବୋଲି ଧମକ ଦେଇଥିବା ନେଇ ମାଗୁଣି ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ ପାତ୍ର ଆଉ ଏକ ମାମଲା (ନଂ.୨୮୪/୨୫) ରୁଜୁ କରି ତଦନ୍ତ ନିମନ୍ତେ ଏସଆଇ ସୋଫିଆ ମିଶ୍ରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୨୬ତମ ସମାବର୍ତ୍ତନ ଉତ୍ସବ

# ‘ଗଞ୍ଜାମର ଶ୍ରମଶକ୍ତି ଦେଶର ଅର୍ଥନୀତିକୁ ସୁଦୃଢ କରିଛି’




● ବହୁମୁଖୀ ଅର୍ଥନୀତି ଓ ଜ୍ଞାନର ପେଣ୍ଠସ୍ଥଳ ଗଞ୍ଜାମ

● ୧୦୦କୋଟିର ଶିଳାନ୍ୟାସ, ୩ଜଣଙ୍କୁ ସମ୍ମାନସୂଚକ ଡ଼କ୍ଟରେଟ

ବ୍ରହ୍ମପୁର, ୯।୮ (ସମିସ): ଦେଶର ପ୍ରତିଟି କୋଣ ଅନୁକୋଣରେ ଗଞ୍ଜାମବାସୀଙ୍କ ସ୍ୱତନ୍ତ୍ର ଛାପ ରହିଛି। ଗଞ୍ଜାମ ଜିଲ୍ଲାର ଶ୍ରମଶକ୍ତି ଦେଶର ଅର୍ଥନୀତିକୁ ସୁଦୃଢ କରିବାରେ ବିଶେଷ ଭୂମିକା ଗ୍ରହଣ କରିଛି। ୨୦୩୬ରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ମାନ୍ୟତାର ୧୦୦ବର୍ଷ ପୂରଣ କରିବ। ସେହିଭଳି ୨୦୪୭ରେ ଭାରତ ସ୍ୱାଧୀନତାର ୧୦୦ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରିବ। ଏଣୁ ବର୍ତ୍ତମାନର ସମୟ ବହୁ ଗୁରୁତ୍ୱପୂର୍ଣ୍ଣ। ବିକଶିତ ପ୍ରୟୋଗଶାଳା ଭାବେ ଓଡ଼ିଶାକୁ ପରିଗଣିତ କରିବାରେ ଗଞ୍ଜାମ ଯୁବକ ଯୁବତୀମାନେ ଗୁଣାତ୍ମକ ଶିକ୍ଷାକୁ ଆଧାର କରି ନୂଆ ଅର୍ଥନୀତି ସୃଷ୍ଟି କରିବାରେ ସହାୟକ ହୁଅନ୍ତୁ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆହ୍ୱାନ ଦେଇଛନ୍ତି।

ଭଞ୍ଜବିହାରର ପରିସରସ୍ଥ ବିଜୁ ପଟ୍ଟନାୟକ ଅଡ଼ିଟୋରିୟମରେ ଅନୁଷ୍ଠିତ ଉତ୍ସବରେ ବିଶ୍ୱବିଦ୍ୟାଳୟ କୁଳାଧିପତି ତଥା ରାଜ୍ୟପାଳ ଡ଼. ହରିବାବୁ କୁମ୍ଭମ୍ପାଟିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଉଚ୍ଚଶିକ୍ଷା, କ୍ରୀଡ଼ା ବ୍ୟାପାର ଓ ଓଡ଼ିଆ ଭାଷା ସାହିତ୍ୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବ୍ରହ୍ମପୁର ସାଂସଦ ଡ଼ ପ୍ରଦୀପ ପାଣିଗ୍ରାହୀ, ଆସିକା ସାଂସଦ ଅନୀତା ଶୁଭଦର୍ଶିନୀ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, ସୋରଡ଼ା ବିଧାୟକ ନିଳମଣି ବିଷୋୟୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, ରେଜିଷ୍ଟ୍ରାର ସଚ୍ଚିଦାନନ୍ଦ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି କହିଥିଲେ ଯେ, ବିଶ୍ୱବିଦ୍ୟାଳୟ କେବଳ ସାର୍ଟିଫିକେଟର ସନ୍ତକ ନୁହେଁ ବରଂ ସଦଭାବନା, ଗବେଷଣାର ମୂଳଭୂମି। ସମ୍ପ୍ରତି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଆନୁକୂଲ୍ୟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ପାଖାପାଖି ୨୦୦କୋଟି ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି। ଏହା ଜିଲ୍ଲାବାସୀଙ୍କ ସବୁଠୁ ବଡ଼ ହକ୍ ବୋଲି କହିଥିଲେ। ସେହିଭଳି ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ, ପିଏମ୍ ଉଷା ଯୋଜନାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ୧୦୦କୋଟି ଅନୁଦାନ ମିଳିଛି। ରାଜ୍ୟ ସରକାର ସ୍ୱତନ୍ତ୍ର ବଜେଟରେ ୭୪କୋଟି ପ୍ରଦାନ କରିଛନ୍ତି। ଯାହା ଏଠାକାର ଭିତ୍ତିଭୂମିକୁ ସୁଦୃଢ କରିବା ସହିତ ସମାଜର ପ୍ରତିଟି ବର୍ଗକୁ ସମ୍ମାନ ଜଣାଇବ।

ଉଲ୍ଲେଖନୀୟ ଅବଦାନ ପାଇଁ କୋରାପୁଟ ଜିଲ୍ଲାର ଡ଼ ରାଇମାତି ଘିଉରିଆ, ଆଣବିକ ବିଜ୍ଞାନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିତ୍ୱ ମୟୂରଭଞ୍ଜର ଡ଼ ଅଜିତ କୁମାର ମହାନ୍ତି ଏବଂ ପ୍ରତିରକ୍ଷା ବିଜ୍ଞାନ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ କେରଳର ଡ଼ ଟେସି ଥୋମାସଙ୍କୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚନ ଡ଼କ୍ଟରେଟ ପ୍ରଦାନ କରାଯାଇଛି। ସେହିଭଳି ସମସ୍ତ ବିଭାଗର ୩୮ଜଣ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣପଦକ, ୫୨ଜଣଙ୍କୁ ପିଏଚଡ଼ି ଓ ୪ଜଣଙ୍କୁ ଡ଼ିଲିଟ୍ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମ ପୂର୍ବରୁ କେନ୍ଦ୍ରମନ୍ତ୍ରୀ, ରାଜ୍ୟପାଳ ଓ ବରେଣ୍ୟ ଅତିଥିଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଲାଗି ୧୦୦କୋଟି ଟଙ୍କାର ଶିଳାନ୍ୟାସ କରାଯାଇଥିବା ଏଠାରେ ସୂଚନା ଦିଆଯାଇଛି। ସମାବର୍ତ୍ତନ ଉତ୍ସବରେ ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର, ଗଞ୍ଜାମ ଜିଲ୍ଲାପାଳ ଭି କିର୍ତ୍ତିଭାସନ, ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ସରିଲା ଶ୍ରାବଣ; ଆଜି ଜମିବ ଛାଡ଼ଖାଇ

ବ୍ରହ୍ମପୁର, ୯।୮ (ସମିସ): ଶନିବାର ଶେଷ ହୋଇଛି ଶ୍ରାବଣ ମାସ। ରବିବାର ଛାଡ଼ଖାଇ। ଆମିଷ ବଜାରରେ ଜମିବ ଭିଡ଼। ମାସେ ହେଲା କାଉଡ଼ିଆ ଭକ୍ତମାନେ ଜଳଲାଗି ପାଇଁ ଆମିଷ ଛାଡ଼ି ବ୍ରତ ରଖିଥିଲେ। ଛାଡ଼ଖାଇ ରବିବାର ପଡୁଥିବାରୁ ଆମିଷ ବଜାରରେ ବେପାର ଜମିବ ବୋଲି ଆଶା କରି ପୂର୍ବରୁ ପ୍ରସ୍ତୁତ ହୋଇ ରହିଛନ୍ତି ମାଛ, କୁକୁଡ଼ା ଓ ମଟନ୍ ବ୍ୟବସାୟୀ। ଗୋଟା ମାଛ କିଲୋ ପିଛା ୧୮୦-୨୨୦ ଟଙ୍କା ରହିବ ବୋଲି ଆଶା କରାଯାଉଥିବା ବେଳେ କଟା ମାଛ କିଲୋ ପିଛା ୨୬୦ ଟଙ୍କା। ସେହିପରି କଙ୍କଡ଼ା କିଲୋ ପିଛା ୪୦୦ ରୁ ୬୦୦ ଟଙ୍କା ରହିଥିବା ବେଳେ ଚିଙ୍ଗୁଡ଼ି କିଲୋ ପିଛା ୪୫୦ ଟଙ୍କାରୁ ୬୦୦ ଟଙ୍କା ରହିଛି। ଛେଳି ମାଂସ କିଲୋ ପିଛା ୭୦୦ରୁ ୮୦୦ ଟଙ୍କା ରହିଥିବା ବେଳେ କୁକୁଡ଼ା ମାଂସ କିଲୋ ପିଛା ୨୪୦ ଟଙ୍କା ରହିଥିଲା। ଏକ ମାସ ହେଲା ବ୍ୟବସାୟ ହୋଇନଥିବା ବେଳେ ରବିବାର ବ୍ୟବସାୟ ଜମିବ ବୋଲି ଆଶା ରଖିଛନ୍ତି ବ୍ୟବସାୟୀ। ଚିକେନ୍ ଓ ମଟନ ଅପେକ୍ଷା ମାଛ ବେଶି ବ୍ୟବସାୟ ହେବ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ହୋଟେଲ ମାନଙ୍କରେ ମଧ ଶ୍ରାବଣ ପାଇଁ ବ୍ୟବସାୟ ମାନ୍ଦା ପଡ଼ିଥିବାବେଳେ କାଲି ଭଲ ବ୍ୟବସାୟ ହେବା ଆଶା କରାଯାଉଛି।

## ଯୁବତୀଙ୍କୁ ଫଟୋ ପଠାଇ ବ୍ଲାକମେଲ୍

ବ୍ରହ୍ମପୁର, ୯।୮ (ସମିସ): ନିମଖଣ୍ଡି ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଫଟୋ ପଠାଇ ବ୍ଲାକମେଲ କରାଯାଉଥିବା ଅଭିଯୋଗ ହୋଇଛି। ବ୍ରଜନଗର ୨ୟ ଲାଇନ ନିବାସୀ ଜନୈକା ଯୁବତୀଙ୍କ ନିକଟକୁ କିଛିଦିନ ପୂର୍ବେ ଏକ ବେନାମୀ ଚିଠି ଆସିଥିଲା। ଉକ୍ତ ଚିଠିରେ ସଂପୃକ୍ତ ଯୁବତୀ ଓ ଜଣେ ଯୁବକଙ୍କ ଯୁଗ୍ମ ଫଟୋ ରହିଥିଲା। ଏବଂ ଫଟୋରେ ଥିବା ଯୁବକଙ୍କ ସମ୍ପର୍କରେ ସମସ୍ତ ତଥ୍ୟ ପ୍ରଦାନ କରିବାକୁ ଚିଠିରେ ଉଲ୍ଲେଖ ଥିଲା। ସୂଚନା ନଦେଲେ ଉଭୟଙ୍କ ମିଳିତ ଫଟୋକୁ ବିଭିନ୍ନ ସ୍ଥାନରେ ଭାଇରାଲ କରାଯିବ ବୋଲି ଧମକ ଦିଆଯାଇଥିଲା। ଏଭଳି ଏକ ଧମକପୂର୍ଣ୍ଣ ଚିଠି ପାଇ ଯୁବତୀ ଜଣକ ଚିନ୍ତାରେ ପଡି ଯାଇଛନ୍ତି। ସେ ନିମଖଣ୍ଡି ଥାନାରେ ଅଭିଯୋଗ କରିବା ସହ ଚିଠି ପଠାଇଥିବା ବ୍ୟକ୍ତିଙ୍କୁ ଠାବ କରିବାକୁ ପୁଲିସକୁ ଅନୁରୋଧ କରିଛନ୍ତି।

## ମା’ ବୁଢୀ ଠାକୁରାଣୀଙ୍କୁ ଦର୍ଶନ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ



ବ୍ରହ୍ମପୁର, ୯।୮ (ସମିସ): ଦୁଇଦିନିଆ ଗଞ୍ଜାମ ଜିଲ୍ଲା ଗସ୍ତରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସିଛନ୍ତି। ଏହି ଅବସରରେ ଶନିବାର ସକାଳେ ଶ୍ରୀ ପ୍ରଧାନ ବ୍ରହ୍ମପୁରରେ ପହଞ୍ଚି ଅଧିଷ୍ଠାତ୍ରୀ ଦେବୀ ମା’ ବୁଢୀ ଠାକୁରାଣୀଙ୍କ ଦର୍ଶନ କରିଛନ୍ତି। ଜନ ମାନସର ସ୍ୱାସ୍ଥ୍ୟର ସମୃଦ୍ଧି କାମନା କରି ଦୀପଦାନ କରିଛନ୍ତି। ମା’ ବୁଢୀ ଠାକୁରାଣୀ ମନ୍ଦିରର ଉନ୍ନୟନ କର୍ଯ୍ୟ ନେଇ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କ ସହ ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ, ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ ପାଣିଗ୍ରାହୀ, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକ, ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ୍, ବ୍ରହ୍ମପୁର ଉପ ଜିଲ୍ଲାପାଳ ଅବିନାଶ କୁମାର, ବ୍ରହ୍ମପୁର ଏସପି ଡ଼ା. ସର୍ବଣା ବିବେକ ଏମ, ବିଜେପି ଜିଲ୍ଲା ସଭାପତି ସରୋଜ ସାବତଙ୍କ ସମେତ ପ୍ରମୁଖ ଉପସ୍ଥିତ ହୋଇ ମା’ଙ୍କ ଦର୍ଶନ କରିଥିଲେ।

## ଟ୍ରମା ଚିକିତ୍ସା ସମ୍ପର୍କିତ ମିଳିତ କର୍ମଶାଳା

ବ୍ରହ୍ମପୁର, ୯।୮ (ସମିସ): ଏମକେସିଜି ମେଡିକାଲ୍ କଲେଜ ଓ ହସପିଟାଲ ଅସ୍ଥିଶଲ୍ୟ ବିଭାଗ ପକ୍ଷରୁ ଟ୍ରମା ଚିକିତ୍ସା ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ବ୍ରହ୍ମପୁର ଅସ୍ଥିଶଲ୍ୟ ସଂଘ ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ କର୍ମଶାଳାରେ ପୁଲିସ ବିଭାଗ, ଅଗ୍ନିଶମ ବିଭାଗ, ମେଡିକାଲ୍ କର୍ମଚାରୀ ଓ ସାଧାରଣ ଲୋକ ସାମିଲ ହୋଇଥିଲେ। ବ୍ରହ୍ମପୁର ଏସପି ଡା ସର୍ବଣା ବିବେକ ଏମ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଏମକେସିଜି ଅଧିକ୍ଷକ ପ୍ରଫେସର ଡ଼ା ଦୁର୍ଗା ମାଧବ ଶତପଥୀ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅସ୍ଥିଶଲ୍ୟ ସଂଘ ସଭାପତି ପ୍ରଫେସର ଡ଼ା ଅବନୀକାନ୍ତ ମିଶ୍ର, ସମ୍ପାଦକ ଡ଼ା ଶଙ୍କର୍ଷଣ ପାତ୍ର, ଏମକେସିଜି ଅସ୍ଥିଶଲ୍ୟ ବିଭାଗ ମୁଖ୍ୟ ଡ଼ା ସୁଧୀର ମହାପାତ୍ର ଉପସ୍ଥିତ ଥିଲେ। ଏଥିରେ ଡ଼ା ଅଭିଷେକ ମିଶ୍ର ବକ୍ତା ଭାବେ ଯୋଗ ଦେଇ ଦୁର୍ଘଟଣାର ଶିକାର ରୋଗୀଙ୍କୁ କିପରି ଜୀବନ ରକ୍ଷାକାରୀ ସେବା ଓ ଚିକିତ୍ସା ପ୍ରଦାନ କରାଯିବ ସେ ନେଇ ତାଲିମ ଦେଇଥିଲେ।

## ଜିଲ୍ଲା ବିଜେପି ପକ୍ଷରୁ ‘ତ୍ରିରଙ୍ଗା ଶୋଭାଯାତ୍ରା’

ବ୍ରହ୍ମପୁର, ୯।୮ (ସମିସ)

ଅଗଷ୍ଟ କ୍ରାନ୍ତି ଦିବସ ଅବସରରେ ଗଞ୍ଜାମ ଜିଲ୍ଲା ବିଜେପି ପକ୍ଷରୁ ‘ତ୍ରିରଙ୍ଗା ଶୋଭାଯାତ୍ରା’ ଶନିବାର ଅନୁଷ୍ଠିତ ହୋଇଛି। ଏଥିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇ ରାମଲିଙ୍ଗେଶ୍ୱର ପାର୍କ ପରିସରରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି “ତ୍ରିରଙ୍ଗା ଯାତ୍ରା’ ରାମଲିଙ୍ଗେଶ୍ୱର ପାର୍କ ଠାରୁ ଆରମ୍ଭ ହୋଇ ଅନ୍ନପୂର୍ଣ୍ଣା ମାର୍କେଟ, ପୁରୁଣା ବସଷ୍ଟାଣ୍ଡ ଛକ ଦେଇ ପିଭିଏନ୍ ରାଓ ପେଟ୍ରୋଲ ପମ୍ପ ଛକ ପର୍ଯ୍ୟନ୍ତ ଯାଇଥିଲା। ବ୍ରହ୍ମପୁର ଟାଉନ ହଲ୍ ନିକଟରେ ଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଅଗଷ୍ଟ କ୍ରାନ୍ତି ଦିବସ ସ୍ୱାଧୀନତା ସଂଗ୍ରାମକୁ ନୂଆ ଦିଗଦର୍ଶନ ଦେଇଥିଲା। ଏହା କେବଳ ଏକ ଆନ୍ଦୋଳନ ନଥିଲା ବରଂ ଲୋକଙ୍କ ମଧ୍ୟରେ ସ୍ୱାଧୀନତା ପାଇଁ ଅତୁଟ ବିଶ୍ୱାସ ଏବଂ ଅଦମ୍ୟ ସାହସର ପ୍ରତୀକ ଥିଲା ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶୋଭାଯାତ୍ରାରେ ଶିକ୍ଷା, ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ବ୍ରହ୍ମପୁର ସାଂସଦ ଡ଼. ପ୍ରଦୀପ ପାଣିଗ୍ରାହୀ, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ଗଞ୍ଜାମ ଜିଲ୍ଲା ସଭାପତି ସରୋଜ ସାବତ, ଘୁମୁସର(ଆସିକା) ସାଂଗଠନିକ ଜିଲ୍ଲା ସଭାପତି ବିଜୟ କୁମାର ସ୍ୱାଇଁ, ଘୁମୁସର(ଭଞ୍ଜନଗର) ସାଂଗଠନିକ ଜିଲ୍ଲା ସଭାପତି ନୀଳମାଧବ ପାତ୍ର, ରାଷ୍ଟ୍ରୀୟ ପରିଷଦ ସଭ୍ୟ କାହ୍ନୁ ଚରଣ ପତି, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ରାଜ୍ୟ ପ୍ରବକ୍ତା ଟି.ଗୋପି, ବରିଷ୍ଠ ନେତା ସୁନିଲ କୁମାର ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ, ସିଦ୍ଧାନ୍ତ ଗଙ୍ଗଦେବ, ଜିଲ୍ଲା ଉପସଭାପତି ରାମ କୁମାର ପାତ୍ର, ପରେଶ ଚନ୍ଦ୍ର ରଥ, ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ତୁତୁନ୍ ପାତ୍ର, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଶିବ ଶଙ୍କର ନାୟକ, ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ମଦନ ମୋହନ ପାତ୍ର, ବିଧାୟକ ପ୍ରତିନିଧି ଅଶୋକ କୁମାର ଶୁକ୍ଲା, ପ୍ରଦୀପ ନାୟକ, ଜିଲ୍ଲା ସମ୍ପାଦିକା ନିବେଦିତା ପାଢ଼ୀ, ରତ୍ନଗର୍ଭା ସରସ୍ୱତୀ ଦେବୀ ଓ ପ୍ରଦୀପ ପାଢ଼ୀ ପ୍ରମୁଖଙ୍କ ଉପସ୍ଥିତ ଥିଲେ।



# ପୂର୍ବତନ କର୍ପୋରେଟର୍ଙ୍କ ସ୍ୱାମୀଙ୍କୁ ହତ୍ୟା

### ବକେୟା ଅର୍ଥ ନ ଦେବାରୁ ଭଡ଼ାଟିଆର ଜୀବନ ନେଲେ ଗୃହମାଲିକ

ବ୍ରହ୍ମପୁର, ୯।୮ (ସମିସ): ବଡ଼ବଜାର ଥାନା ଅନ୍ତର୍ଗତ ହରିଡ଼ାଖଣ୍ଡି ଗୌଡ଼ ସାହିରେ ପୂର୍ବତନ କର୍ପୋରେଟର ମଧୁମିତା ମାଝୀଙ୍କ ସ୍ୱାମୀ ଶିବଶଙ୍କର ମାଝୀଙ୍କୁ ହତ୍ୟା କରାଯାଇଛି। ଘରଭଡ଼ା ବାବଦ ବକେୟା ଅର୍ଥକୁ ନେଇ ଉଭୟଙ୍କ ମଧ୍ୟରେ ଲାଗି ରହିଥିବା ବିବାଦରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜଣାପଡିଛି। ପାରିବାରିକ କଳହ ଯୋଗୁ ସ୍ତ୍ରୀଠାରୁ ଅଲଗା ହୋଇ ଶିବଶଙ୍କର ମାଝୀ ସ୍ଥାନୀୟ ହରିଡ଼ାଖଣ୍ଡି ଅଞ୍ଚଳରେ ରହୁଥିଲେ। ଦୀର୍ଘ ୧୦ବର୍ଷ ଧରି ଶିବଶଙ୍କର ହରିଡ଼ାଖଣ୍ଡି ଗୌଡ଼ସାହି ନିବାସୀ ଗୌର ବେହେରା ଓରଫ ଗୌର ମିସ୍ତ୍ରୀଙ୍କ ଘରେ ଭୋଗବନ୍ଧା ସୂତ୍ରରେ ରହି ଆସୁଥିଲେ। ଶିବଶଙ୍କରଙ୍କୁ ଘର ଛାଡ଼ିବାକୁ ଗୌର ବାରମ୍ବାର କହୁଥିଲେ ହେଁ, ସେ ଘର ଛାଡୁନଥିଲେ। ପରେ ଶିବ ଉକ୍ତ ଘର ବିକି ଦେବାକୁ ଗୌରଙ୍କୁ ପ୍ରସ୍ତାବ ଦେଇଥିଲେ। ତେବେ ଗୌର ରାଜି ହୋଇନଥିଲେ। ଉକ୍ତ ଘର ବାବଦରେ ଗୃହମାଲିକ ଗୌର ଦୀର୍ଘବର୍ଷ ବ୍ୟବଧାନରେ ଶିବଙ୍କ ଠାରୁ ମୋଟା ଅଙ୍କର ଅର୍ଥ ଦାବି କରିଥିଲେ। ଦାବି ମୁତାବକ ଅର୍ଥ ଦେବାକୁ ଶିବଶଙ୍କର ରାଜି ହୋଇଥିଲେ ହେଁ ଟଙ୍କା ଦେଇନଥିଲେ। ଫଳରେ ଗୌର ତୁରନ୍ତ ଘର ଛାଡ଼ିବାକୁ ଶିବଙ୍କୁ କହିଥିଲେ। ବାରମ୍ବାର ଘର ଛାଡ଼ିବାକୁ କହିବା ସତ୍ତ୍ୱେ ଶିବ ଘର ଛାଡୁନଥିଲେ କିମ୍ବା ଟଙ୍କା ମଧ ଦେଉନଥିଲେ। ଏହି ବିବାଦକୁ ନେଇ ଶିବ ଓ ଗୌରଙ୍କ ମଧ୍ୟରେ ବହୁବାର ଗଣ୍ଡଗୋଳ ହୋଇଛି। ଶନିବାର ବିଳମ୍ବିତ ରାତିରେ ଗୌର ମଦ୍ୟପାନ କରି ଏକ ଖଣ୍ଡା ଧରି ଶିବ ରହୁଥିବା ଘରକୁ ଯାଇଥିଲେ। ତେବେ ପାଟିତୁଣ୍ଡ ହେଲେ ସ୍ଥାନୀୟ ଲୋକ ରୁଣ୍ଡ ହେବାର ଆଶଙ୍କା କରି ଶିବ ଚତୁରତାର ସହ ଗୌରଙ୍କୁ ଘର ଭିତରକୁ ଡାକି ପୂର୍ବ ବିବାଦକୁ ନେଇ ଆଲୋଚନା କରିଥିଲେ। ଆଲୋଚନାର କିଛି ସମୟପରେ ଉଭୟଙ୍କ ମଧ୍ୟରେ ପ୍ରବଳ ପାଟିତୁଣ୍ଡ ହୋଇଥିଲା। ଏଥିରେ ଗୌର ଉତ୍କ୍ଷିପ୍ତ ହୋଇ ଶିବଙ୍କୁ ଖଣ୍ଡାରେ ହାଣି ବାହାରପଟୁ ତାଲା ପକାଇ ପଳାଇଥିଲେ। ଘର ଭିତରୁ ରହି ଶିବଙ୍କ ଚିତ୍କାର ଶୁଣି ଅଞ୍ଚଳବାସୀ ତୁରନ୍ତ ପୁଲିସକୁ କଲ କରି ଜଣାଇଥିଲେ। ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ବନ୍ଦ ଘର ତାଲା ଭାଙ୍ଗି ଗୁରୁତର ଅବସ୍ଥାରେ ଶିବଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲା। ଡାକ୍ତର ସେଠାରେ ଶିବଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ଶିବଙ୍କ ମୃତ୍ୟୁ ଖବର ପାଇ ସୁଦ୍ଧା ତାଙ୍କ ପତ୍ନୀ ଓ ପୁଅ ଦେଖା କରିବାକୁ ମଧ ଆସି ନଥିଲେ। ଅନ୍ୟପକ୍ଷରେ ରାକ୍ଷୀ ଭଳି ଦିନରେ ଶିବଙ୍କ ମୃତ୍ୟୁକୁ ନେଇ ତାଙ୍କର ଦୁଇଭଉଣୀ ଗଭୀର ମର୍ମାହତ ହୋଇଛନ୍ତି। ଘଟଣାକୁ ନେଇ ଶିବଙ୍କ ଭାଇ ଚକାଡୋଳା ମାଝି ବଡ଼ବଜାର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାସ୍ଥଳରୁ ହତ୍ୟାକାଣ୍ଡରେ ବ୍ୟବହୃତ ରକ୍ତଭିଜା ଖଣ୍ଡା ଜବତ କରିଛି। ଅନ୍ୟପକ୍ଷରେ ଫେରାର ଅଭିଯୁକ୍ତ ତଥା ଗୃହମାଲିକ ଗୌରକୁ ଧରିବାକୁ ପୁଲିସ ଚଢ଼ଉ ଜାରି ରଖିଥିବା ଥାନା ଅଧିକାରୀ ବାବା ଶଙ୍କର ସରାଫ ସୂଚନା ଦେଇଛନ୍ତି।

## ବିଭିନ୍ନ ସ୍ଥାନରେ ରକ୍ଷା ବନ୍ଧନ ଉତ୍ସବ

# ଭାଇ ହାତରେ ରାକ୍ଷୀ ବାନ୍ଧି ଶୁଭ ମନାସିଲା ଭଉଣୀ









## ‘ସକାଳ’ ଓ ‘ନନ୍ଦିଘୋଷ’ ଟିଭି କାର୍ଯ୍ୟାଳୟରେ ରକ୍ଷା ବନ୍ଧନ

ବ୍ରହ୍ମପୁର, ୯।୮ (ସମିସ): ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାନ୍ତିକୁଣ୍ଡ ଗିରିରୋଡ଼ ପକ୍ଷରୁ ପବିତ୍ର ରକ୍ଷା ବନ୍ଧନ ପର୍ବ ପାଳିତ ହୋଇଛି। ଏହି ଅବସରରେ “ସକାଳ ଓ ନନ୍ଦିଘୋଷ ଟିଭି’ ବ୍ରହ୍ମପୁର କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କୁ ରାକ୍ଷୀ ବାନ୍ଧି ଶୁଭ ମନାସିଛନ୍ତି। ଏଥିରେ ବ୍ରହ୍ମାକୁମାରୀ ଅର୍ଚ୍ଚନା, ଦୀପା, ବ୍ରହ୍ମାକୁମାର ପ୍ରତାପ, ଗଙ୍ଗାଧର ଉପସ୍ଥିତ ଥିଲେ।




ବ୍ରହ୍ମପୁର, ୯।୮ (ସମିସ)

ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବହୁ ସ୍ଥାନରେ ପବିତ୍ର ରାକ୍ଷୀ ପୂର୍ଣ୍ଣିମା ତଥା ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭାଇ ହାତରେ ଭଉଣୀ ରାକ୍ଷୀ ବାନ୍ଧି ସବୁଦିନ ପାଇଁ ଭାଇ ପାଖରୁ ସୁରକ୍ଷା ଲୋଡ଼ିବା ସହ ଶୁଭ ମନାସିଥିଲେ। ସହରର ଗୋଷାଣିନୂଆଗାଁ ସ୍ଥିତ ଓଡ଼ିଶା ସର୍ଭିସ୍ ସ୍କୁଲ ଫର୍ ବ୍ଲାଇଣ୍ଡର ଛାତ୍ରୀମାନେ ମଧ ରକ୍ଷା ବନ୍ଧନ ଉତ୍ସବ ପାଳନ କରିଥିଲେ। ଛାତ୍ରୀମାନେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାରଙ୍କୁ ରାକ୍ଷୀ ବାନ୍ଧିବା ସହ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ସେହିପରି ଡ଼ିପଲ ସ୍କୁଲର କୁନି ଛାତ୍ରୀମାନେ ସହରର କରାର୍ଯ୍ୟରତ ପୁଲିସ ଅଧିକାରୀ, ଡ଼ାକ୍ତର, ଅଗ୍ନିଶମ ଅଧିକାରୀ ଓ ଡ଼ାକ ବିଭାଗର ଅଧିକାରୀଙ୍କୁ ରାକ୍ଷୀ ବାନ୍ଧି ଥିବା ଦେଖିବାକୁ ମିଳିଥିଲା। ସେହିଭଳି କିନ୍ନର ସଂଘ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କ ସମେତ ବିଭିନ୍ନ ନେତାଙ୍କୁ ରାକ୍ଷୀ ବାନ୍ଧିଛନ୍ତି। ସେହିଭଳି ଗଞ୍ଜାମ ଜିଲ୍ଲାସ୍ତରୀୟ ରାକ୍ଷୀ ମହୋତ୍ସବ ବିଜୁ ଜନତା ଦଳ ଗଞ୍ଜାମ ଜିଲ୍ଲା ସଭାପତି ବିକ୍ରମ କୁମାର ପଣ୍ଡାଙ୍କ ନେତୃତ୍ୱରେ ପାଳିତ ହୋଇଥିଲା।

# ଗହ୍ମା ପୂର୍ଣ୍ଣିମାରେ ଖୋଲିଲା ମା' ବରାଳିନୀଙ୍କ ଦ୍ୱାର



ଜି.ଉଦୟଗିରି, ୯।୮ (ସମିସ): ପବିତ୍ର ଗହ୍ମାପୂର୍ଣ୍ଣିମାରେ ଜି.ଉଦୟଗିରିର ଅଧିଷ୍ଠାତ୍ରୀ ଦେବୀ ମା ବରାଳିନୀଙ୍କ ମନ୍ଦିର ଦ୍ୱାର ଖୋଲା ଯାଇଛି। ବର୍ଷକୁ ମାଙ୍କ ଦ୍ୱାର ପାଞ୍ଚ ଥର ଖୋଲୁଥିବା ବେଳେ ଗହ୍ମା ପୂର୍ଣ୍ଣିମା ଅନ୍ୟତମ। ଏହି ଦିନ ମାଙ୍କ ବିଶେଷ ରୀତିନୀତି କରାଯାଉଥିବା ବେଳେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଛି। ସନ୍ଧ୍ୟାରେ ମା'ଙ୍କୁ ଦର୍ଶନ କରିବାକୁ ଶ୍ରଦ୍ଧାଳୁଙ୍କ ଗହଳି ଚହଳି ରହିଥିବା ବେଳେ ପୂଜାର୍ଚ୍ଚନା କରାଯାଇଥିଲା। ଏଥିପାଇଁ ପରିଚାଳନା କମିଟି ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା।

# ରକ୍ଷାବନ୍ଧନ ଓ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ପାରଳାଖେମୁଣ୍ଡି, ୯।୮ (ସମିସ): ପାରଳାଖେମୁଣ୍ଡି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପବିତ୍ର ରକ୍ଷାବନ୍ଧନ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀ ପରସ୍ପରକୁ ରାକ୍ଷୀ ବାନ୍ଧି ସମସ୍ତଙ୍କର ଶୁଭ ମନାସିଥିଲେ। କାର୍ଯ୍ୟକ୍ରମ ଶେଷରେ ଛାତ୍ରଛାତ୍ରୀ ସହରରେ ଥିବା ସରକାରୀ କାର୍ଯ୍ୟାଳୟ, ବିଶିଷ୍ଟ ବ୍ୟକ୍ତି, ବିଭିନ୍ନ ବସ୍ତିକୁ ଯାଇ ରାକ୍ଷୀ ବାନ୍ଧିଥିଲେ। ବିଦ୍ୟାଳୟର ମାତୃଭାରତୀର ମହିଳା ସଦସ୍ୟା ମାନେ ଉପକାରାଗାରର ସମସ୍ତ ଅନ୍ତେବାସୀମାନଙ୍କୁ ରାକ୍ଷୀ ବାନ୍ଧିଥିଲେ। ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ଆଚାର୍ଯ୍ୟ ଦୁର୍ଗା ପ୍ରସାଦ ସାହୁ ଓ ମୂରଲୀ ମୋହନ ପ୍ରଧାନଙ୍କ ନିର୍ଦ୍ଦେଶନାରେ କାର୍ଯ୍ୟକ୍ରମ ହୋଇଥିଲା। ଛାତ୍ରଛାତ୍ରୀ ତଥା ଗୁରୁଜୀ-ଗୁରୁମା ବିଦ୍ୟାଳୟ ପରିସରରେ ଥିବା ବୃକ୍ଷକୁ ରାକ୍ଷୀ ବାନ୍ଧି ଚାରାରୋପଣ ଓ ପରିବେଶ ସୁରକ୍ଷାର ବାର୍ତ୍ତା ନେଇ ଜନସାଧାରଣଙ୍କୁ ସଚେତନତା କରାଇଥିଲେ।

# ଗଛରେ ରାକ୍ଷୀ ବାନ୍ଧିଲେ ଛାତ୍ରୀ



ରାୟଗଡ଼, ୯।୮ (ସମିସ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ସଦର ମହକୁମା ସ୍ଥିତ ଜଗନ୍ନାଥ ମନ୍ଦିରରେ ପବିତ୍ର ରକ୍ଷାବନ୍ଧନ ଉତ୍ସବ ଅବସରରେ ବଳଦେବଙ୍କ ଜନ୍ମ ଉତ୍ସବ ପାଳିତ ହୋଇଛି। ପୁରୋହିତ ପ୍ରତାପ ପାଢୀ ଓ ମନ୍ଦିର ପୁଜାରୀ କହ୍ନେଇ ପାଢିଙ୍କ ଦ୍ୱାରା ରୀତିନୀତି ଅନୁସାରେ ସମସ୍ତ କାର୍ଯ୍ୟକ୍ରମ ହୋଇଥିଲା। ଏହା ସହ ପୁରୋହିତଙ୍କ ଦ୍ୱାରା ଉପସ୍ଥିତ ଥିବା ସମସ୍ତ ଭକ୍ତ ମାନଙ୍କୁ ପଇତା ବର୍ଣ୍ଟନ କରାଯାଇଥିଲା। ଏଥିରେ କରଡ଼ାସିଂ, ହିରାପୁର, ବଡତୁଣ୍ଡି ଏବଂ ସ୍ଥାନୀୟ ଅଞ୍ଚଳର ଭକ୍ତବୃନ୍ଦ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସଭାପତି ପ୍ରସାଦ ଘଡାଇ ପରିଚାଳନା କରିଥିବା ବେଳେ କମିଟି ସଦସ୍ୟ ସହଯୋଗ କରିଥିଲେ।

ସେହିପରି ସ୍ଥାନୀୟ ସରକାରୀ ଏସ୍ଏସ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଜି ଏକ ନିଆରା ପରମ୍ପରାରେ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ହୋଇଥିଲା। ଛାତ୍ରୀମାନେ ବିଦ୍ୟାଳୟ ପରିସରରେ ଥିବା ବିଭିନ୍ନ ଗଛରେ ରାକ୍ଷୀ ବାନ୍ଧିବା ସହ ପରିବେଶର ସୁରକ୍ଷା ପାଇଁ ଆହ୍ୱାନ ଜଣାଇଥିଲେ। କାର୍ଯ୍ୟକ୍ରମକୁ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ। ସରସ୍ୱତୀ ଶିଶୁ ମନ୍ଦିରରେ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଥିଲା। ଉତ୍ସବରେ ପ୍ରଧାନ ଆଚାର୍ଯ୍ୟ ପ୍ରସାଦ ଘଡାଇ ଅଧ୍ୟକ୍ଷତା କରି ରକ୍ଷାବନ୍ଧନ ଉତ୍ସବର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ଶିଶୁମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା ଏବଂ ଛାତ୍ରଛାତ୍ରୀ ସହର ପରିକ୍ରମା କରି ସମସ୍ତଙ୍କୁ ରାକ୍ଷୀ ବାନ୍ଧିଥିଲେ।

# ମିଙ୍ଗୁନପଦର ବିଏସ୍ଏଫ୍ କ୍ୟାମ୍ପରେ ରକ୍ଷାବନ୍ଧନ



ଫିରିଙ୍ଗିଆ, ୯।୮ (ସମିସ): ଫିରିଙ୍ଗିଆ ବ୍ଲକ ଉପାନ୍ତ ଅଞ୍ଚଳ ସୁମେରୁବନ୍ଧ ପଞ୍ଚାୟତରେ ଥିବା ୧୩୬ ବାଟାଲିଆନ ବିଏସଏଫ୍ କ୍ୟାମ୍ପରେ ପବିତ୍ର ରାକ୍ଷାବନ୍ଧନ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ସୁମେରୁବନ୍ଧ ସରପଞ୍ଚ ସୁଶୀଳା କହଁର ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସଭାପତି ଦେବେଶ୍ୱର ଦୀପ ଓ ୱାଡସଭ୍ୟ ରବୀନ୍ଦ୍ର କହଁର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବାଇଡ଼ିପଦର, ଡମାଙ୍ଗପଦର, ସୁମେରୁବନ୍ଧ, ବୃଡ଼ିଗୁଡା ଗାଁର ଶତାଧିକ ଜନସାଧାରଣ ଯୋଗ ଦେବା ସହ ରାକ୍ଷୀ ବାନ୍ଧି ଶାନ୍ତି ମୈତ୍ରୀ, ସଦଭାବନାର ବାର୍ତ୍ତା ଦେଇଥିଲେ। ବିଏସଏଫ କମାଣ୍ଡର ଇନ୍ସପେକ୍ଟର ଉଦୟ ବୀର ସିଂ ଏବଂ ଯବାନଙ୍କୁ ଜନସାଧାରଣ ରାକ୍ଷୀ ବାନ୍ଧିଥିଲେ। ଅନୁରୂପ ଭାବରେ ସରକାରୀ ଉଚ୍ଚ ବିଦ୍ୟାଳୟ ଗୋଛାପଡ଼ାରେ ୧୧୬ ବାଟାଲିଅନ ବିଏସଏଫ ଦ୍ୱାରା ରାକ୍ଷାବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସରକାରୀ ଉଚ୍ଚ ବିଦ୍ୟାଳୟ ଗୋଛାପଡ଼ାର ପ୍ରଧାନ ଶିକ୍ଷକ ରମେଶ କୁମାର ସାହୁ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ ଅଞ୍ଚଳର ବରିଷ୍ଠ ବୁଦ୍ଧିଜୀବୀ ଶିକ୍ଷକ/ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଛାତ୍ରଛାତ୍ରୀ ଯବାନଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ। କାର୍ଯ୍ୟକ୍ରମରେ ୧୧୬ ବାଟାଲିଅନ ବିଏସ୍ଏଫ୍ର କମାଣ୍ଡର ଓ ଯବାନ ସାମିଲ ହୋଇଥିଲେ।

## ଗଜପତିରେ ବିଶ୍ୱ ଆଦିବାସୀ ଦିବସ ପାଳିତ

# 'ସରକାରଙ୍କ ନୀତି ପାଇଁ ଅଧିକାରରୁ ବଞ୍ଚିତ ଆଦିବାସୀ'

କାଶୀନଗର/ପାରଳାଖେମୁଣ୍ଡି, ୯।୮ (ସମିସ):




ବିଶ୍ୱ ଆଦିବାସୀ ଦିବସ ଅବସରରେ ଗଜପତି ଜିଲ୍ଲା କାଶୀନଗର ବ୍ଲକ ସିଆଳି ପଞ୍ଚାୟତର ପେଦାଗୁଡାରେ ଅଖିଳ ଭାରତ ଆଦିବାସୀ ମଞ୍ଚ ଓ ଅଖିଳ ଭାରତ କିଷାନ୍ ମଜଦୂର ସଭା ପକ୍ଷରୁ ମିଳିତ ଭାବେ ସମାବେଶର ଆୟୋଜନ କରାଯାଇଥିଲା। ସଙ୍ଗଠନର ଜିଲ୍ଲା କମିଟି ସଭ୍ୟ ତଥା ବରିଷ୍ଠ ଆଦିବାସୀ ନେତା କାଡୁକା ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ଅଖିଳ ଭାରତ ଆଦିବାସୀ ସଭାର ଆବାହକ କେଦାର ଶବର ମୁଖ୍ୟବକ୍ତା ଭାବେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆଦିବାସୀ ବିରୋଧୀ ନୀତି ଯୋଗୁଁ ଆଦିବାସୀ ନିଜର ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ହେଉଛନ୍ତି ବୋଲି କହିଥିଲେ। ସରକାର ଜମି, ଜଙ୍ଗଲ ଓ ପ୍ରାକୃତିକ ସମ୍ପଦ ଉପରେ ଆଦିବାସୀଙ୍କୁ ଅଧିକାର ଦେବା ବଦଳରେ ବଡ଼ ବଡ଼ କମ୍ପାନୀଙ୍କ ସ୍ୱାର୍ଥରେ ସେସବୁ ଅଧିକାରକୁ ଛଡ଼ାଇବାରେ ଲାଗିଛନ୍ତି ବୋଲି କହିଥିଲେ। ବିକାଶ ନାଁରେ ଆଦିବାସୀଙ୍କ ଜମି, ଜଙ୍ଗଲ, ପରିବେଶ ଓ ଜୀବିକାକୁ ଛଡ଼ାଇବାର ଷଡ଼ଯନ୍ତ୍ରକୁ ପ୍ରତିରୋଧ କରାଯିବ ବୋଲି ଚେତାବନୀ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଓ ଦେଶର ରାଷ୍ଟ୍ରପତି ଉଭୟ ଆଦିବାସୀ ସମ୍ପ୍ରଦାୟର ହୋଇଥିବା ବେଳେ ନିଜର ଭିଟାମାଟିର ସୁରକ୍ଷା ପାଇଁ ଏଠାରେ ଆଦିବାସୀଙ୍କୁ ଲାଠି ଖାଇବାକୁ ପଡିବା ଦୁର୍ଭାଗ୍ୟଜନକ ବୋଲି କହିଥିଲେ। ଓଡ଼ିଶାର ପ୍ରାୟ ଏକ ଚତୁର୍ଥାଂଶ ଜନସଂଖ୍ୟା ଆଦିବାସୀ ହୋଇଥିଲେ ବି ସରକାର ସେମାନଙ୍କ ଭାଷା, ଲିପି ଓ ସଂସ୍କୃତିର ବିକାଶ ଦିଗରେ କୌଣସି ଉଦ୍ୟମ ନକରିବା ଫଳରେ ଅନେକ ଆଦିବାସୀ ସମ୍ପ୍ରଦାୟ ଓ ସେମାନଙ୍କ ଭାଷା ନିଶ୍ଚିହ୍ନ ହେବାକୁ ବସିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଦିବାସୀ ନେତା କୁନେସ ମେଦି, ଚୈତନ୍ୟ ଶବର, ସୁମ୍ବାରା ଶବର, ସୁଙ୍କା ଶବର, ଗଣେଶ୍ୱରୀ ଶବର ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ।

# କାଉଡ଼ିଆଙ୍କ ବ୍ରତ ଶେଷ



ରାୟଗଡ଼, ୯।୮ (ସମିସ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକର ବିଭିନ୍ନ ସ୍ଥାନରେ ଏକ ମାସ ଧରି ବ୍ରତ ରଖିଥିବା କାଉଡିଆ ଶନିବାର ଶ୍ରାବଣ ମାସର ଶେଷ ଦିନ ହୋଇଥିବାରୁ ରାୟଗଡ଼ ଶ୍ରୀ ଲୋକନାଥଶ୍ୱର ଶୈବ ପୀଠରେ ଜଳାଭିଷେକ କରି ପୂର୍ଣ୍ଣାହୁତି ସହ ବ୍ରତ ଶେଷ କରିଛନ୍ତି। ରାୟଗଡ଼ ବୋଲବମ୍ ସଂଘର ସମସ୍ତ ସଦସ୍ୟ ମହେନ୍ଦ୍ରତନୟା ନଦୀରୁ ଜଳ ଆଣି ସହର ପରିକ୍ରମା କରି ଶ୍ରୀ ଲୋକନାଥଶ୍ୱର ମନ୍ଦିରରେ ଜଳାଭିଷେକ କରିଥିଲେ। ଏହି ସମୟରେ ଗାଁର ମହିଳା ମାନେ ସେମାନଙ୍କୁ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ବୋଲବମ ଭକ୍ତ ଯୋଗ ଦେଇଥିଲେ।

# ପିକ୍ଅପ ବାଇକ୍ ମୁହାଁମୁହିଁ; ଜଣେ ମୃତ

ମୋହନା, ୯।୮ (ସମିସ): ବାଇକ୍ ପିକଅପ୍ ମୁହାଁମୁହିଁ ଧକ୍କା ହେବାରୁ ବାଇକ ଚାଳକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି। ଶୁକ୍ରବାର ଅପରାହ୍ନରେ ଖାରିଗୁଡା ଗ୍ରାମର ସୁଶିଏଲ ଶବର କୌଣସି କାମରେ ନିଜ ଗ୍ରାମ ଆମ୍ବିଲିମା ଗାଁକୁ ନିଜ ବାଇକରେ ଯାଉଥିବା ବେଳେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ପିକ୍ଅପ୍ ଭ୍ୟାନ ସହ ଆମ୍ବିଲିମା ଗ୍ରାମ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ବାଇକ ଚାଳକ ସୁଶିଏଲ ରାସ୍ତା କଡ଼କୁ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ଅଡ଼ବା ଥାନାରେ ଶୁସିଏଲଙ୍କ ଭାଇ କନିଏଲ ଶବର ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ଘଟଣା ସ୍ଥଳରେ ଅଡ଼ବା ଏସଆଇ ପ୍ରଶନ୍ନ କୁମାର ପରିଡ଼ା ପହଞ୍ଚି ଗାଡ଼ିକୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇବା ସହ ଘଟଣାର ତଦନ୍ତ କରୁଛନ୍ତି।

## ■ ବାଲିଗୁଡା ପୁଲିସର 'ରାକ୍ଷୀ ସହିତ ଖାକୀ'

# ପୁଲିସକୁ ରାକ୍ଷୀ ବାନ୍ଧିଲେ; ଥାନା ବୁଲିଲେ ଛାତ୍ରୀ

ବାଲିଗୁଡା, ୯।୮ (ସମିସ): ବାଲିଗୁଡା ପୁଲିସ ତରଫରୁ ସ୍କୁଲ ଛାତ୍ରୀଙ୍କୁ ନେଇ ଏକ ନିଆରା କାର୍ଯ୍ୟକ୍ରମ "ରାକ୍ଷୀ ସହିତ ଖାକି' ଅନୁଷ୍ଠିତ ହୋଇଯାଇଛି। ରାକ୍ଷୀ ପୂର୍ଣ୍ଣିମା ଅବସରରେ ବିଭିନ୍ନ ସ୍କୁଲର ଛାତ୍ରୀ ବାଲିଗୁଡା ଥାନାକୁ ଆସି ପୁଲିସ ଅଧିକାରୀଙ୍କୁ ରାକ୍ଷୀ ବାନ୍ଧିଥିଲେ। ଏହି ଅବସରରେ ସେମାନଙ୍କୁ ପୁଲିସର କାର୍ଯ୍ୟ ଓ ଆଇନ କାନୁନ ବିଷୟରେ ସଚେତନ କରାଯାଇଥିଲା। ଏହା ସହିତ ଥାନାରେ ପୁଲିସ କର୍ମଚାରୀ କେଉଁ ଭଳି କାର୍ଯ୍ୟ କରୁଛନ୍ତି, ଅପରାଧ ଘଟାଉଥିବା ଅଭିଯୁକ୍ତଙ୍କ ବିରୋଧରେ କିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ସେ ସମ୍ପର୍କରେ ବାଲିଗୁଡା ଏସଡ଼ିପିଓ ରମେନ୍ଦ୍ର ପ୍ରସାଦ ଛାତ୍ରୀଙ୍କୁ ଅବଗତ କରାଇଥିଲେ। ପୂର୍ବରୁ ଛାତ୍ରୀ କେବେ ବି ଥାନା ସମ୍ପର୍କରେ ଜାଣିନଥିଲେ। ରାକ୍ଷୀ ପୂର୍ଣ୍ଣିମାରେ ସେମାନଙ୍କୁ ଏସମ୍ପର୍କରେ ସୁଯୋଗ ମିଳିଥିବାରୁ ଖୁସି ଅନୁଭବ କରିଥିଲେ। ଏହାପରେ ଥାନା ପରିସରରେ ରହୁଥିବା ୧୩୬ ବିଏସ୍ଏଫ୍ ବାଟାଲିୟନ ଓ ସିଆରପିଏଫ ଯବାନଙ୍କୁ ମଧ୍ୟ ସ୍କୁଲ ଛାତ୍ରୀ ରାକ୍ଷୀ ବାନ୍ଧିଥିଲେ। ଛାତ୍ରୀଙ୍କ ସହିତ ସ୍କୁଲର ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଛାତ୍ରୀଙ୍କୁ ପୁଲିସ ଅଧିକାରୀ ଚକୋଲେଟ ଓ ମିଠା ପ୍ରଦାନ କରିଥିଲେ। ଛାତ୍ରୀମାନେ ରାକ୍ଷୀ ପୂର୍ଣ୍ଣିମା ଅବସରରେ ନିଜ ପରିବାରର ଅନୁପସ୍ଥିତ ଅନୁଭବକୁ ଦୂର କରିଛନ୍ତି ବୋଲି ବିଭିନ୍ନ ରାଜ୍ୟର ଯବାନ କହିଥିଲେ।



# ଆହତ ଗୋରୁଙ୍କ ଚିକିତ୍ସା କଲେ ପଶୁପ୍ରେମୀ



ଜି.ଉଦୟଗିରି, ୯।୮ (ସମିସ): ସହରର ମୁଖ୍ୟ ରାସ୍ତାରେ ମାଳମାଳ ଗୋରୁଗାଈ ଶୋଇ ରହୁଥିବା ବେଳେ ବହୁ ସମୟରେ ଦୁର୍ଘଟଣାରେ ଆହତ ହେବା ସହିତ ଜୀବନ ମଧ୍ୟ ଯାଉଛି। ଏମିତି ଅନେକ ଦୁର୍ଘଟଣା ଘଟୁଥିବା ବେଳେ ଗତକାଲି ବିଳମ୍ବିତ ରାତିରେ ଅଜଣା ଗାଡି ଧକ୍କାରେ ଏକାଧିକ ଗାଈ ଆହତ ହୋଇଥିଲେ। ହେଲେ ପଶୁ ପ୍ରେମୀ କିଶୋର ପାଢ଼ୀ, ବଳିଆ ସାହୁ, ସୁଶାନ୍ତ ବେହେରା ଓ ସହଦେବ ବେହେରା ସେମାନଙ୍କ ଚିକିତ୍ସା ଓ ସେବା କରିଥିଲେ। ସହରରେ ଗୋରୁଗାଈଙ୍କ ପାଇଁ ଆମ୍ବୁଲାନ୍ସ କେବଳ ନାମକୁ ମାତ୍ର ଥିବାବେଳେ ପଶୁପ୍ରେମୀ ପ୍ରକୃତ ସେବା ଓ ଚିକିତ୍ସା କରୁଛନ୍ତି।

# ପୂର୍ତ୍ତବିଭାଗ କାର୍ଯ୍ୟାଳୟ ପରିସର ପାଲଟିଛି ପାର୍କିଂ ସ୍ଥଳ



ପାରଳାଖେମୁଣ୍ଡି, ୯।୮ (ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ପୂର୍ତ୍ତ ବିଭାଗର ସବଡିଭିଜନ୍ ନମ୍ବର ୧ କାର୍ଯ୍ୟାଳୟ ପରିସରରେ ବହୁ ଦିନ ହେବ ଏକ ଘରୋଇ ଟ୍ରାକ୍ଟର ପାର୍କିଂ ହୋଇ ରହିଛି। ସରକାର କିମ୍ବା ପ୍ରଶାସନର କି ସମ୍ପୃକ୍ତ ବିଭାଗର ଏହା ହୋଇନଥିବା ବେଳେ ସରକାରୀ କାର୍ଯ୍ୟାଳୟ ଯାହା ସରକାରୀ ଜାଗାରେ ରହିଛି ସେଠାରେ କିପରି ପାର୍କିଂ ହେଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ତେବେ ଖବର ସଂଗ୍ରହ ପାଇଁ ଯିବା ସମୟରେ ଫଟୋ ଉଠାଇବା ଦେଖି ଜଣେ ବ୍ୟକ୍ତି ପ୍ରଶ୍ନ କରି ଉଚ୍ଚ ସ୍ୱରରେ ଭଡ଼ା ଦିଆଯାଉଛି ବୋଲି କହି ବାଇକ୍ରେ ଚାଲିଯାଇଥିଲେ। ଉକ୍ତ ଟ୍ରାକ୍ଟର ପାର୍କିଂ ପାଇଁ ଅନୁମତି ଦେଲା କିଏ? ଯଦି ବିନା ଅନୁମତିରେ ପାର୍କିଂ ହୋଇଛି କୌଣସି ଅପରାଧ କରି ଏଠାରେ ଗୁପ୍ତ ଭାବେ ରଖାଯାଇଛି କି ବୋଲି ସନ୍ଦେହ ପ୍ରକଟ କରିଛନ୍ତି ଅଞ୍ଚଳବାସୀ। କିନ୍ତୁ ଏହି କାର୍ଯ୍ୟାଳୟରେ ଦାୟିତ୍ୱରେ ଥିବା କୌଣସି ବିଭାଗୀୟ ଅଧିକାରୀ ଇଞ୍ଜିନ କାହାର, କିଏ ରଖିଛି ଓ କାହିଁକି ରଖିଛି ତାର ଉତ୍ତର ଦେଇ ପାରୁନାହାନ୍ତି। ଏ ବିଷୟରେ ଜାଣିନାହାନ୍ତି କି ତାଙ୍କୁ କିଏ ଜଣାଇନାହାନ୍ତି, ପଚାରି ବୁଝିବି, ଦେଖିବି ବୋଲି ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ପୂଜା ପଟ୍ଟନାୟକ କହିଛନ୍ତି।

# ରାକ୍ଷୀ ପୂର୍ଣ୍ଣିମାରେ ସୁଭଦ୍ରା ତୃତୀୟ କିସ୍ତି ପ୍ରଦାନ



ପାରଳାଖେମୁଣ୍ଡି, ୯।୮ (ସମିସ): ପାରଳାଖେମୁଣ୍ଡି ସ୍ଥିତ ଗଜପତି ଷ୍ଟାଡିୟମ୍ରେ ସୁଭଦ୍ରାର ତୃତୀୟ କିସ୍ତି ପ୍ରଦାନ କରାଯାଇଛି। ଗଜପତି ଜିଲ୍ଲାପାଳ ମଧୁମିତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି, ସମ୍ମାନୀତ ଅତିଥି ଭାବରେ ବନଖଣ୍ଡ ଅଧିକାରୀ କେ.ନାଗାରାଜୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ମୁନିନ୍ଦ୍ର ହନେଗା, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶଙ୍କର କେର୍କେଟା, ପୌରାଧ୍ୟକ୍ଷା ନିର୍ମଳା ସେଠୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ଦେବୀ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମହମ୍ମଦ ମୁବାରକ ଅଲ୍ଲୀ ମଞ୍ଚାସୀନ ଥିଲେ। ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ଜିଲ୍ଲାର ଯୋଗ୍ୟ ୧ ଲକ୍ଷ ୪୩ ହଜାରରୁ ଅଧିକ ମହିଳାଙ୍କୁ ପ୍ରଦାନ କରାଯାଇଛି। ଏହି ଅବସରରେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତି ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୌରପରିଷଦ ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମଣ କୁମାର ମୁର୍ମୁ, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ସୁଶାନ୍ତ ରଞ୍ଜନ ଦାସ, ଓଡ଼ିଶା ଜୀବିକା ମିଶନ ତଥା ମିଶନ ଶକ୍ତିର ପ୍ରକଳ୍ପ ପରିଚାଳକ ଟିମନ ବାରା, ଜିଲ୍ଲା ଶିକ୍ଷାଧିକାରୀ ଡ଼.ମାୟାଧର ସାହୁ, ତହସିଲଦାର ନାରାୟଣ ବେହେରା, ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ସାରଳା ପାତ୍ର ଓ ମନୋଜ କୁମାର ପଣ୍ଡାଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ବହୁ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ପରିସମାପ୍ତି ପରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ସିଧା ପ୍ରସାରଣ ହୋଇଥିଲା।

## କାଶୀନଗର ଏନ୍ଏସି ଉପାଧ୍ୟକ୍ଷଙ୍କ ସାମ୍ବାଦିକ ସମ୍ମିଳନୀ

# ଅଧ୍ୟକ୍ଷାଙ୍କ କାର୍ଯ୍ୟକୁ ୭ କାଉନ୍ସିଲରଙ୍କ ବିରୋଧ

କାଶୀନଗର, ୯।୮ (ସମିସ):



କାଶୀନଗର ଏନ୍ଏସି ଉପାଧ୍ୟକ୍ଷ ରଘୁରାମ ସାହୁ ସାମ୍ବାଦିକ ସମ୍ମିଳନୀ ଡାକି ଗୁରୁବାର ଅନୁଷ୍ଠିତ ଏନ୍ଏସିର ସାଧାରଣ ବୈଠକରେ ଅଧ୍ୟକ୍ଷା ଏମ୍.ସୁଧାରାଣୀ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କୁ ହଠାତ୍ ବାହାରକୁ ଚାଲିଯିବାକୁ କହିବା ଘଟଣା ସହ ପାରଳାଖେମୁଣ୍ଡି ବିଧାୟକ ରୂପେଶ ପାଣିଗ୍ରାହୀଙ୍କ କୌଣସି ସମ୍ପର୍କ ନାହିଁ ବୋଲି କହିଛନ୍ତି। ବିଧାୟକଙ୍କ ପରାମର୍ଶ କ୍ରମେ ଅଧ୍ୟକ୍ଷା ସାମ୍ବାଦିକଙ୍କୁ ବୈଠକ ଅଧାରୁ ତଡ଼ି ଦେଇଥିଲେ ବୋଲି ଗଣମାଧ୍ୟମରେ ଯେଉଁ ଖବର ପ୍ରକାଶ ପାଇଛି, ତାହା ସତ୍ୟ ଉପରେ ଆଧାରିତ ନୁହେଁ। କାହିଁକି ଅଧ୍ୟକ୍ଷା ଗଣମାଧ୍ୟମକୁ ଏଭଳି ବକ୍ତବ୍ୟ ଦେଲେ ତାହା ଜଣାପଡୁନାହିଁ। ବିଧାୟକ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭକୁ ସମ୍ମାନ ଦିଅନ୍ତି ଓ ଗୁରୁବାର ଦିନ ଗଣମାଧ୍ୟମ ପ୍ରତିନିଧି ଅପମାନିତ ହୋଇଥିବାରୁ ସେ ଦୁଃଖିତ। ବିଧାୟକ ବି ପ୍ରେସ୍ ମିଟ୍ ଅବସରରେ କାଶୀନଗର ପ୍ରେସ୍ କ୍ଲବ୍ ସଭାପତି ରାଜେଶ ମିଶ୍ରଙ୍କ ସହ ଫୋନ୍ ଯୋଗେ କଥା ହୋଇ ଦୁଃଖପ୍ରକାଶ କରିଥିଲେ। ଉପାଧ୍ୟକ୍ଷଙ୍କ ସହ ପ୍ରେସମିଟରେ ଉପସ୍ଥିତ କାଉନସିଲର କେ.ରାମାରାଓ, କେ.ଜୀବରତ୍ନମ କହିଥିଲେ ଯେ, ଅଧ୍ୟକ୍ଷାଙ୍କ ପୁଅ ଏମ.ପ୍ରବୀଣ କୁମାର ଏନ୍ଏସିର ଅଧିକାଂଶ ସବ୍ କମିଟିରେ ସଦସ୍ୟ ଅଛନ୍ତି। ବର୍ତ୍ତମାନ କମିଟିରେ ପ୍ରବୀଣଙ୍କୁ ବାଦ ଦେଇ ନୂତନ ଭାବେ ସବୁ ସବ୍କମିଟି ଗଠନ କରାଯିବାକୁ ଏନଏସିର ୭ଜଣ କାଉନସିଲର ଦାବି କରିବା ସହ ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଭାବେ ଅବଗତ କରିଥିଲେ। ଏନ୍ଏସିରେ ୧୦୦ରୁ ଅଧିକ ସ୍ୱୟଂସହାୟକ ଗୋଷ୍ଠୀ ଥିବାବେଳେ ନିର୍ଦ୍ଦିଷ୍ଟ କେତେକ ଗୋଷ୍ଠୀକୁ ହିଁ ସୁବିଧା ସୁଯୋଗ ମିଳୁଛି। ଆହାର କେନ୍ଦ୍ର ପାଇଁ ନୂତନ ଟେଣ୍ଡର ଡକାଯିବା ଉଚିତ। କିନ୍ତୁ ବହୁ ବର୍ଷ ଧରି ଏହା ରିନୁ ହୋଇନଥିବା ବେଳେ ଏନେଇ ବାରମ୍ବାର ଏନଏସି କର୍ତ୍ତୃପକ୍ଷ ପାଖରେ ଅଭିଯୋଗ ହେଉଥିଲେ ବି କୌଣସି ପଦକ୍ଷେପ ନିଆଯାଇନାହିଁ। ମନୋରଞ୍ଜନ ସାହୁ କାଶୀନଗର ତହସିଲଦାର ଥିବାବେଳେ ପୁରୁଣା ମେଡିକାଲ ସାମ୍ନାର ଏକ ଜାଗା ଗୋଷ୍ଠୀ ଶୌଚାଳୟ ପାଇଁ ଦିଆଯାଇଥିଲା। ସେଠାରେ କିନ୍ତୁ ରୁମ୍ ନିର୍ମାଣ କରି ଭଡାକୁ ଦିଆଯାଇଛି। ସମ୍ପୃକ୍ତ ଠିକାଦାରଙ୍କୁ ତାଙ୍କର ପ୍ରାପ୍ୟ ମିଳି ନଥିବା ବେଳେ ଭଡା ଟଙ୍କା କୁଆଡେ ଯାଉଛି ଜଣାପଡୁନି। ସେହିପରି ଏନ୍ଏସି ବିକାଶମୂଳକ କାର୍ଯ୍ୟ କେବଳ ୩ଜଣ ଠିକାଦାରଙ୍କୁ ନେଇ କାମ ଚାଲିଥିବା ବେଳେ ନିମ୍ନମାନର କାମ ହେଉଥିବା କହିଛନ୍ତି। କିଛି ମାସ ପୂର୍ବେ ଏନଏସିର ପୁରୁଣା ଟ୍ରାକ୍ଟର କେହି ଚୋରି କରିଥିବା ଓ କେତେକ ଶୌଚାଳୟର କବାଟ ଗୁଡ଼ିକ ବି ଚୋରି ହୋଇଥିବା ପରି ବିଭିନ୍ନ ଅଭିଯୋଗ ହୋଇଛି। ଉକ୍ତ ଘଟଣାକୁ ନେଇ କାଶୀନଗର ଥାନାରେ ଏତଲା ହୋଇଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ତଦନ୍ତରେ କୌଣସି ତଥ୍ୟ ମିଳିନି। ଏହିପରି ବିଭିନ୍ନ ଦୁର୍ନୀତି ସହ ନିଜସ୍ୱ ଇଚ୍ଛାରେ ଏନ୍ଏସି ଚାଲିଥିବା ନେଇ ଉପାଧ୍ୟକ୍ଷ ସହ ବିଜେଡି କାଉନସିଲର ଅଭିଯୋଗ କରିଛନ୍ତି। ଏଭଳି ଅନେକ କଥାକୁ ନେଇ ୭ ଜଣ କାଉନସିଲରଙ୍କ ସହ ଅଧ୍ୟକ୍ଷାଙ୍କ ମତାନ୍ତର ରହିଛି। ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରତି ଗୁରୁବାର ଦିନ ଯେଭଳି ବ୍ୟବହାର କରାଗଲା, ତାହା ନିନ୍ଦନୀୟ ବୋଲି ବି ସେମାନେ କହିଥିଲେ। ତେବେ ସ୍ୱୀକାର କରିଥିଲେ ଯେ, ପୂର୍ବରୁ ସମସ୍ତ କାଉନ୍ସିଲର ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କ ସହ ମିଳିମିଶି କାର୍ଯ୍ୟ କରୁଥିଲେ। ପରବର୍ତ୍ତୀ ସମୟରେ ରାଜନୈତିକ କାରଣ ଯୋଗୁ ମତଭେଦ ସୃଷ୍ଟି ହୋଇଥିଲା ଓ ସେ ମତଭେଦ ଏଯାଏଁ ଦୂର ହୋଇନାହିଁ।

ଏସମ୍ପର୍କରେ ବିଧାୟକ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ବୈଠକରୁ ସାମ୍ବାଦିକଙ୍କୁ ବାହାର କରିବା ନେଇ ସେ ଅଧ୍ୟକ୍ଷାଙ୍କୁ କିଛି କହି ନ ଥିଲେ। ଏପରିକି ଗଣମାଧ୍ୟମ ପ୍ରତିନିଧିଙ୍କ ସମ୍ମାନହାନୀ ହେବା ଭଳି କେବେ କୌଣସି କାର୍ଯ୍ୟ କରି ନ ଥିବା ସେ ସ୍ପଷ୍ଟ କରିଛନ୍ତି।

# ଜଳବାୟୁ ପରିବର୍ତ୍ତନ ଆଲୋଚନାଚକ୍ର

ଗଞ୍ଜାମ, ୯।୮(ସମିସ): ଗଞ୍ଜାମ ବ୍ଲକ ପୋଡ଼ମପେଟା ଓଡ଼ିଆରପି କଲୋନୀ ଠାରେ ଜଳବାୟୁ ପରିବର୍ତ୍ତନ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ଏକ ଗୋଷ୍ଠୀ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଇନା, ୱାଟର ଇନ୍‌ସେଟିଭ ଓ ୟୁଥ୍ ଫର ୱାଟର ଇଣ୍ଡିଆଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶାର ଜଳ ପୁରୁଷ ଭାବେ ପରିଚିତ ରଞ୍ଜନ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ଦ୍ୱାରା ପାରମ୍ପାରିକ ସାମୁଦ୍ରିକ ମତ୍ସ୍ୟଜୀବୀ ଏବଂ ଅନ୍ୟାନ୍ୟ ସମ୍ପ୍ରଦାୟ ଭୋଗ କରୁଥିବା ସମସ୍ୟା ବିଷୟରେ ଆଲୋକପାତ କରିଥିଲେ। ଏହି ସଭାରେ ଜଳବାୟୁ ପରିବର୍ତ୍ତନ ଓ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ସମସ୍ୟା ଓ ତାର ସମାଧାନ ଦିଗରେ ବିଶେଷଜ୍ଞା ଡ଼ଃ ଉପାସନା ଘୋଷ ଏବଂ ଡ଼ଃ. ସଂକଳ୍ପା ଶତପଥୀ ବିଶେଷ ଆଲୋଚନା କରିଥିଲେ। ସମ୍ମାନିତ ଅତିଥିଭାବେ ଓଡ଼ିଶା ସମ୍ବାଦିକ ସଙ୍ଘର ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା ଯୋଗଦେଇ ଏହି ଅଞ୍ଚଳର ଜଳବାୟୁ ପରିବର୍ତ୍ତନ ଏବଂ ପରିବେଶଗତ ସମସ୍ୟା ଉପରେ ବିଭିନ୍ନ ଦିଗରୁ ଆଲୋଚନା କରିଥିଲେ। ଅନ୍ୟାନ୍ୟ ଅତିଥିଭାବେ ଗ୍ରାମ୍ୟ ଭଦ୍ରବ୍ୟକ୍ତି ସି. ଏଚ ଚିନେୟା, ସି. ଏଚ ମୁସ୍ଲେୟା, ୱାର୍ଡ ମେମ୍ବର ଏନ. ଲକ୍ଷ୍ମୀ ଓ ପୂର୍ବତନ ୱାର୍ଡ ମେମ୍ବର ବି. ହାଡ଼ି ମଧ୍ୟ ନିଜର ମତାମତ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୋଡ଼ମପେଟା କଲୋନୀ ୧ ଓ ୨ରୁ ୫୦ରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ ଓ ବିଶେଷକରି ଯୁବ ଗୋଷ୍ଠୀ ଅଂଶଗ୍ରହଣ କରିଥିଲେ।



# ପ୍ରଶାସନ ଶୁଣିଲାନି: ଅର୍ଥ ଓ ଶ୍ରମ ଦାନ କରି ରାସ୍ତା ମରାମତି କଲେ ଯୁବକ

ଫିରିଙ୍ଗିଆ, ୯।୮ (ସମିସ)

କାଦୁଅ ପଚପଚ ସାଙ୍ଗକୁ ଯାତାୟାତରେ ବାଧାପ୍ରାପ୍ତ ହେଉଥିବାରୁ ଅର୍ଥ ଓ ଶ୍ରମ ଦାନ କରି ରାସ୍ତାର ମରାମତି କରିଛନ୍ତି ବଟାବାହାଲି ଗ୍ରାମର ମା' ବରାଳ ଦେବୀ ଯୁବ ପରିଷଦର ୫୦ ଜଣ ଯୁବକ। କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ବାଳନ୍ଦାପଡ଼ା ପଞ୍ଚାୟତ ବଟାବାହାଲି ଗାଁରେ ଥିବା ବିଦ୍ୟାଳୟ ନିକଟ ରାସ୍ତା ନିର୍ମାଣ କିମ୍ବା ମରାମତି ହୋଇନାହିଁ। ଏଥିଯୋଗୁଁ ବର୍ଷା ଦିନରେ ଖାଲଖମା ହୋଇ ପାଣି ଜମି ରହି କାଦୁଅ ପଚ ପଚ ହେବା ଦ୍ୱାରା ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ରାସ୍ତା ମରାମତି ଏବଂ ନିର୍ମାଣ ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ଏବଂ ପ୍ରଶାସନିକ ସ୍ତରରେ ବିଭିନ୍ନ ପ୍ରଶାସନିକ ଅଧିକାରୀଙ୍କୁ ଭେଟି ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ହୋଇନାହିଁ। ସମସ୍ୟା ଦୃଷ୍ଟିରୁ ନିଜ ଖର୍ଚ୍ଚରେ ଏବଂ ଶ୍ରମଦାନ କରି ରାସ୍ତା ମରାମତି କରିବାକୁ ଅଣ୍ଟା ଭିଡ଼ିଥିଲା ବଟାବାହାଲି ଗ୍ରାମର ମା' ବରାଳ ଦେବୀ ଯୁବ ପରିଷଦ। ଯୁବକ ସଂଘର ପ୍ରାୟ ୫୦ ଜଣ ସଦସ୍ୟ ରାସ୍ତା ମରାମତି ପାଇଁ ଆଲୋଚନା ଓ କିଛି ଅର୍ଥ ସଂଗ୍ରହ କରିବା ସହ ଶ୍ରମ ଦାନ କରି ରାସ୍ତା ମରାମତି କରିଛନ୍ତି। ଟ୍ରାକ୍ଟରରେ ପଥର ସଂଗ୍ରହ କରି ରାସ୍ତାରେ ପକାଇଥିଲେ। କିଛି ଯୁବକ ପଥର ସଂଗ୍ରହ କରୁଥିବା ବେଳେ କିଛି ଯୁବକ ରାସ୍ତା ଉପରେ କାମ କରୁଛନ୍ତି। ପଥର ପକାଇବା ପରେ ବାହାରୁ ମୋରମ ଆଣି ରାସ୍ତାରେ ପକାଇ ରାସ୍ତା ମରାମତି କରାଯିବ ବୋଲି ଯୁବକ ସଂଘ ସଭାପତି ରବୀନ୍ଦ୍ର କହଁର କହିଛନ୍ତି। ସଂଘ ସମ୍ପାଦକ ଅଜୟ ଦିଗାଲ, କୋଷାଧକ୍ଷ ଗୋବର୍ଦ୍ଧନ କହଁର, ଉପସଭାପତି ଜିତେନ୍ଦ୍ର କହଁର ଏବଂ ସହ ସମ୍ପାଦକ ଶତ୍ରୁଘ୍ନ କହଁର ଏହି କାର୍ଯ୍ୟରେ ସହାୟତା କରୁଛନ୍ତି। ଯୁବକଙ୍କ ଏଭଳି କାର୍ଯ୍ୟକୁ ପ୍ରଶଂସା କରାଯାଉଛି।



## ଜେମା ଘାଇରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ଧରାକୋଟ, ୯।୮(ସମିସ): ଧରାକୋଟ ବ୍ଲକର ରୁଗୁମୁ ଗାଁରେ ଥିବା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଜେମାଘାଇରେ ବୁଡ଼ି ସେହି ଗ୍ରାମର ହରିଜନସାହି ବାସିନ୍ଦା କୁମର ନାୟକ(୬୦)ଙ୍କର ମୃତ୍ୟୁ ଘଟିଛି। ଗତ ଶୁକ୍ରବାର ସନ୍ଧ୍ୟାରେ କୁମର ଗାଧୋଇବାକୁ ଘାଇକୁ ଯାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ସେ ନଫେରିବାରୁ ଘର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ପାଇନଥିଲେ। ଶନିବାର ସକାଳୁ ଘାଇ ଭିତରେ ଜଣେ ଲୋକର ଶବ ଭାସୁଥିବା ଦେଖି ଲୋକେ ଧରାକୋଟ ଦମକଳ ବାହିନୀ ଓ ବଡଗଡ଼ ଥାନାକୁ ଖବର ଦେଇଥିଲେ। ଦମକଳ ବାହିନୀ ଶବଟିକୁ ଉଦ୍ଧାର କରିବା ପରେ ତାହା କୁମରଙ୍କର ବୋଲି ଜଣାପଡ଼ିଥିଲା। ବଡଗଡ଼ ପୁଲିସ ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।

## ସ୍ୱତନ୍ତ୍ର ଡ୍ରାଇଭ୍‌ରେ ଗଞ୍ଜାମ ପୁଲିସକୁ ସଫଳତା

ଛତ୍ରପୁର, ୯।୮(ସମିସ): ସପ୍ତାହବ୍ୟାପୀ ଚାଲିଥିବା ସ୍ୱତନ୍ତ୍ର ଡ୍ରାଇଭ୍‌ରେ ଗଞ୍ଜାମ ପୁଲିସକୁ ସଫଳତା ମିଳିଛି। ଅଗଷ୍ଟ ୧ରୁ ୭ ତାରିଖ ଧରି ଚାଲିଥିବା ଏହି ସ୍ୱତନ୍ତ୍ର ଡ୍ରାଇଭ୍‌ରେ ୪୫୧ ଜଣ ଜାମିନ୍ ବିହୀନ ୱାରେଣ୍ଟ ଥିବା ଅପରାଧୀମାନଙ୍କ ମଧ୍ୟରୁ ୩୦୯ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ବାକି ୧୪୨ ଜଣ ଅପରାଧୀଙ୍କ ମଧ୍ୟରୁ କେତେକ ମୃତ୍ୟୁ ହୋଇଥିବା ଆଉ କେତକ ଆତ୍ମସମର୍ପଣ କରିଥିବା ଅନ୍ୟ କେତେକଙ୍କ ମାମଲା ବିଭିନ୍ନ କ୍ଷେତ୍ରରେ ଫଇସଲା ହୋଇଥିଲା। ସେହିପରି ୧୧୪ଟି ଅବକାରୀ ମାମଲା ରୁଜୁ ହୋଇଥିବା ବେଳେ ୩୨୧୦ ଲିଟର ଦେଶୀ ଓ ବିଦେଶୀ ମଦ ଜବତ ହୋଇଛି। ଏବାବଦରେ ୩୨ ଜଣଙ୍କୁ ଗିରଫ କରାଯାଇଛି। ବେଆଇନ ବନ୍ଧୁକ ରଖିଥିବା ନେଇ ୪ଟି ମାମଲାରେ ୬ଟି ପିସ୍ତଲ୍ (୭.୬୨ ଏମ୍‌ଏମ୍) ଗୋଟିଏ ୯-ଏମ୍‌ଏମ୍ ପିସ୍ତଲ, ସିଙ୍ଗଲ୍ ସଟ୍-୨ ମୋଟ ୯ଟି ବନ୍ଧୁକ, ୫୯ ଗୁଳି ଜବତ ହୋଇଥିବା ବେଳେ ୧୩ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ୪ଟି ଜୁଆ ଆଡା ଉପରେ ଚଢ଼ଉ କରି ୨୧ ଜଣ ଜୁଆଡ଼ିଙ୍କୁ ଗିରଫ କରାଯାଇଥିବା ବେଳେ ୪୨ ହଜାର ୧୧୦ ଟଙ୍କା ଜବତ ହୋଇଥିଲା। ବେଆଇନ ଗଞ୍ଜେଇ ଚାଲଣ ଉପରେ ଚଢ଼ଉ କରି ୪ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୧୬୩ କେଜି ଗଞ୍ଜେଇ ଏବଂ ୨ଟି କାର ଜବତ ହୋଇଛି। ପ୍ରତିରୋଧକ ପ୍ରକ୍ରିୟା ନେଇ ୧୨୬ ବିଏନ୍‌ଏସ୍‌ଏସ୍ ୧୪୦ ଜଣଙ୍କୁ ଏବଂ ୧୨୯ ବିଏନ୍‌ଏସଏସ୍ ୨୦ ଜଣଙ୍କୁ ନୋଟିସ୍ ପ୍ରଦାନ କରାଯାଇଛି ବୋଲି ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ର କହିଛନ୍ତି।

## ଏକ ଦିବସୀୟ ଅଖଣ୍ଡ ଯୋଗ ତପସ୍ୟା ଶିବିର

ଆସିକା, ୯।୮(ସମିସ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସ୍ଥାନୀୟ ସେବା କେନ୍ଦ୍ର ଶାନ୍ତି ଶକ୍ତି ଭବନର ନବ ନିର୍ମିତ ଜ୍ଞାନ ମଣ୍ଡପରେ ଏକ ଦିବସୀୟ ଅଖଣ୍ଡ ଯୋଗ ତପସ୍ୟା ଶିବିର ଅନୁଷ୍ଠିତ ହୋଇଯାଇଛି। ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବ୍ରହ୍ମପୁର ସବ ଜୋନ୍ ପ୍ରଭାରୀ ରାଜଯୋଗିନୀ ମାଳା ଦିଦିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର କୃଷି ଓ ଗ୍ରାମ ବିକାଶ ପ୍ରଭାଗ ମାଉଣ୍ଟ ଆବୁ ରାଜସ୍ଥାନରୁ ରାଷ୍ଟ୍ରୀୟ ଉପାଧକ୍ଷ ବରିଷ୍ଠ ରାଜଯୋଗ ଶିକ୍ଷକ ବ୍ରହ୍ମାକୁମାର ରାଜୁ ଭାଇ ପରମାତ୍ମା ପିତାଙ୍କ ସନ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ଆସ୍କା ବିଜ୍ଞାନ ମହା ବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ପ୍ରଶାନ୍ତ ପଣ୍ଡା, ଆସିକା ଚିନିକଳର ପରିଚାଳନା ନିର୍ଦ୍ଦେଶକ ଡାଃ ସୁଶାନ୍ତ କୁମାର ପଣ୍ଡା, ଆସ୍କା ବାର ଆସୋସିଏସନର ପୂର୍ବତନ ସଭାପତି ସୁଧାଂଶୁ କୁମାର ପଣ୍ଡା, ଅବସରପ୍ରାପ୍ତ ସଂସ୍କୃତ ପଣ୍ଡିତ ଦୁର୍ଗା ପ୍ରସାଦ ପଣ୍ଡା ଓ ଚିନ୍ମୟ ମିଶନର ସଭାପତି ଲକ୍ଷ୍ମୀନାରାୟଣ ଗୁପ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ରାଜଯୋଗୀ ବ୍ରହ୍ମାକୁମାର ରାଜୁ ଭାଇଙ୍କୁ ସଂସ୍କୃତରେ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ଶାନ୍ତି ଶକ୍ତି ଭବନର ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପାଞ୍ଚ ଶହ ଭଉଣୀ ଭାଇ ଶିବିରରେ ଯୋଗ ଦେଇଥିଲେ।

## ଜିଲ୍ଲାର ୯ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ସୁଭଦ୍ରା ଟଙ୍କା




ଛତ୍ରପୁର, ୯।୮(ସମିସ): ରକ୍ଷା ବନ୍ଧନରେ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଆସିଲା 'ସୁଭଦ୍ରା' ଟଙ୍କା, କୋରାପୁଟ ଜିଲାର ଜୟପୁରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁଇଚ ଟିପି ୧କୋଟିରୁ ଊର୍ଦ୍ଧ୍ୱ ସୁଭଦ୍ରା ଭଉଣୀଙ୍କୁ ତୃତୀୟ କିସ୍ତି ଟଙ୍କା ପ୍ରଦାନ କରିଛନ୍ତି। ଏହାସହ ଖୋଲିଛି ସୁଭଦ୍ରା ପୋର୍ଟାଲ। ଏହି ଅବସରରେ ଛତ୍ରପୁର ଅନ୍‌ସ୍ଲୋ ସ୍କୁଲ ପଡ଼ିଆରେ ଆୟୋଜିତ ଗଞ୍ଜାମ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୋଟ ୯ ଲକ୍ଷ ୫ ହଜାର ୪୨୧ଜଣଙ୍କ ହିତାଧିକାରୀଙ୍କ ଖାତାକୁ ଯାଇଛି ସୁଭଦ୍ରା ଟଙ୍କା। କାର୍ଯ୍ୟକ୍ରମରେ ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡା, ଗଞ୍ଜାମ ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଜୟ ବେହେରା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଛତ୍ରପୁର ଓକିଲ ସଂଘ ସଭାପତି ପ୍ରଦୀପ କୁମାର ପାଢ଼ୀ, ଡ଼ଃ ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ।

## ତିନି ଠାକୁରଙ୍କୁ ପାଟବସ୍ତ୍ର ପ୍ରଦାନ

 କବିସୂର୍ଯ୍ୟନଗର, ୯।୮(ସମିସ): କିସ୍ କ୍ୟାମ୍ପସ ଶ୍ରୀବାଣୀ କ୍ଷେତ୍ରରୁ ଆସିଥିବା ପାଟ ଓ ରାକ୍ଷୀକୁ ଗଞ୍ଜାମ ଆଠଗଡ଼ ପାଟଣା ଗ୍ରାମବାସୀଙ୍କ ପକ୍ଷରୁ ବିପୁଳ ସ୍ୱାଗତ କରାଯାଇଥିଲା। ଗ୍ରାମ ମୁଖ୍ୟ ଛକ ନିକଟରୁ ମନ୍ଦିର ପରିଚାଳନା କମିଟି ସଦସ୍ୟ ମାନେ କିସ୍ ସଂଯୋଜକ ଓ କଳିଙ୍ଗ ଟିଭି ପ୍ରତିନିଧିଙ୍କୁ ସ୍ୱାଗତ କରିଥିଲେ। ଶ୍ରୀବାଣୀ କ୍ଷେତ୍ରରୁ ଆସିଥିବା ପାଟ ଓ ରାକ୍ଷୀକୁ ବନ୍ଦାପନା କରିବା ସହ ପଟୁଆରରେ ଗ୍ରାମ ପରିକ୍ରମା କରି ଆଠଗଡ଼ ପାଟଣା ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲେ। ମନ୍ଦିର ପୂଜକ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନ ଓ ମଦନମୋହନ ନିମନ୍ତେ ଆସିଥିବା ପାଟ ଓ ରାକ୍ଷୀକୁ ଗ୍ରହଣ କରି ସଂସ୍କାର କରିଥିଲେ। ରାକ୍ଷୀ ପୂର୍ଣ୍ଣିମା ଅବସରରେ ଠାକୁରଙ୍କ ନିକଟରେ ଲାଗି କରାଯାଇଥିଲା। ଗଞ୍ଜାମ ଜିଲ୍ଲାର ଆଠଗଡ଼ ପାଟଣା ଜଗନ୍ନାଥ ମନ୍ଦିରକୁ ଶ୍ରୀବାଣୀ କ୍ଷେତ୍ରରୁ ଆସିଥିବା ପାଟ ଓ ରାକ୍ଷୀ ପ୍ରଦାନ କରାଯିବାରୁ ଗ୍ରାମବାସୀଙ୍କ ପକ୍ଷରୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ଼ଃ ଅଚ୍ୟୁତ ସାମନ୍ତଙ୍କୁ ପ୍ରଶଂସା କରାଯାଇଛି।



## ଇଂରାଜୀ ଶିକ୍ଷଣ ସହାୟକ ପୁସ୍ତକ ବଣ୍ଟନ

ରମ୍ଭା, ୯।୮(ସମିସ): ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ସାବୁଳିଆ ପଞ୍ଚାୟତ ଦକ୍ଷିଣେଶ୍ୱର ସାହି ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ଚଉଦଦେଶ କର୍ମଚାରୀ ସେବା ସଂଘ ପକ୍ଷରୁ ରାକ୍ଷୀ ପୂର୍ଣ୍ଣିମା ଅବସରରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷଣ ସହାୟକ ପୁସ୍ତକ ବଣ୍ଟନ କରାଯାଇଛି। କର୍ମଚାରୀ ସେବା ସଂଘର ସଭାପତି ପ୍ରହ୍ଲାଦ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କମିଶନର ଘନଶ୍ୟାମ ମଲିକ, ସମ୍ମାନୀତ ଅତିଥି ଭାବେ ମତ୍ସ୍ୟ ଉପ ମୁଖ୍ୟ ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ବେହେରା, ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା, ଶିକ୍ଷକ ଦିଲୀପ ବେହେରା ଓ ମୁଖ୍ୟବକ୍ତା ଭାବେ ସମାଜସେବୀ ତଥା ବରିଷ୍ଠ ପ୍ରଧାନ ଶିକ୍ଷକ ହରେକୃଷ୍ଣ ମଲ୍ଲିକ ପ୍ରମୁଖ ଯୋଗ ଦେଇ ଇଂରାଜୀ ଶିକ୍ଷାର ଗୁଣାତ୍ମକ ଦିଗ ଉପରେ ଆଲୋକପାତ କରିଥିଲେ। ସାବୁଳିଆ କଇଁଆ ସାହି, ଚାମୁଣ୍ଡା ସାହି, ଦକ୍ଷିଣେଶ୍ୱର ସାହିର ଛାତ୍ରଛାତ୍ରୀଙ୍କୁ ଇଂରାଜୀ ଶିକ୍ଷଣ ସହାୟକ ପୁସ୍ତକ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ବିନୋଦ କୁମାର ବେହେରା ଓ ସମୀର କୁମାର ଅଧିକାରୀ ପରିଚାଳନା କରିଥିବା ବେଳେ ସୁରେନ୍ଦ୍ର ବେହେରା ଓ ଶେଷଦେବ ବେହେରା ସହଯୋଗ କରିଥିଲେ। ଚିତ୍ରସେନ ବେହେରା, ଚିନ୍ତାମଣି ବେହେରା, ଆର୍ତ୍ତତ୍ରାଣ ଦାସ ଓ ଦୀନବନ୍ଧୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



## ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ରକ୍ଷା ବନ୍ଧନ

ଗଞ୍ଜାମ, ୯।୮(ସମିସ): ଗଞ୍ଜାମ ସହର ସ୍ଥିତ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆଶ୍ରମ ପରିସରରେ ରକ୍ଷାବନ୍ଧନ ପାଳିତ ହୋଇଯାଇଛି। ବ୍ରହ୍ମାକୁମାରୀ ରାଜଯୋଗିନି କସ୍ତୁରୀ ଭଉଣୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଗଞ୍ଜାମ ଥାନା ଅଧିକାରୀ ସୁମିତ୍ରା ପାତ୍ର, ସମ୍ମାନୀୟ ଅତିଥି ରୋଟାରୀ କ୍ଲବ ତଥା ଫାଇନାନ୍ସ ଆଡ଼ଭାଇଜର ଝରଣା ପଣ୍ଡା, ଅବସରପ୍ରାପ୍ତ ନାଲକୋ କମ୍ପାନୀ ଟେକ୍ନିକାଲ ଅଫିସର ପଦ୍ମନାଭ ବେହେରା, ପୂର୍ବତନ ସରପଞ୍ଚ ଡି. ନିରଞ୍ଜନ ରେଡି, ଯୁଧିଷ୍ଠିର ମହାପାତ୍ର ପ୍ରମୁଖ ଯୋଗଦେଇ ରକ୍ଷାବନ୍ଧନ ବିଷୟରେ ଆଲୋକପାତ କରିଥିଲେ। ଉତ୍ସବରେ ସହଯୋଗୀ ବ୍ରହ୍ମାକୁମାରୀ ଯମୁନା, ବ୍ରହ୍ମାକୁମାରୀ ଦମୟନ୍ତୀ, ଛବି ପୁଷ୍ପାଲତା, ଲକ୍ଷ୍ମୀ, ଆରତୀ, ବନିତା, ମିନତୀ, ନରସିହ ଭାଇ ଉପସ୍ଥିତ ରହି ନିଜର ବକ୍ତବ୍ୟ ରଖିଥିଲେ।

## ଶିକ୍ଷକ ଓ କର୍ମଚାରୀ ସଂଘର ପ୍ରତିବାଦ ସଭା




ଛତ୍ରପୁର, ୯।୮(ସମିସ): ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ୫ଦଫା ଦାବିନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସମସ୍ତେ ସ୍ଥାନୀୟ ଅନସ୍ଲୋ ହାଇସ୍କୁଲଠାରୁ ଏକ ଶୋଭାଯାତ୍ରାରେ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେରେ ପହଞ୍ଚି ଧାରଣାରେ ବସିଥିଲେ। ପରେ ଏକ ଟିମ୍ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗଞ୍ଜାମ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ, ସମସ୍ତ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଶୁନ୍ୟ ପଡ଼ିଥିବା ଶିକ୍ଷକ ଓ ଶିକ୍ଷା କର୍ମଚାରୀ ପଦବୀ ପୂରଣ କରିବା, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟର କାର୍ଯ୍ୟରତ ଶିକ୍ଷକ, ଶିକ୍ଷିକା ଓ ଶିକ୍ଷା କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳି ସହ ପେନସନ ପ୍ରଦାନ କରିବା ସମେତ ବିଭିନ୍ନ ଦାବି ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଜିଲ୍ଲା ସଭାପତି ସନ୍ତୋଷ କୁମାର ଜେନା, ଜିଲ୍ଲା ସମ୍ପାଦକ ବିଜୟ ବେହେରା, ଛତ୍ରପୁର ବ୍ଲକ ସଭାପତି ଦଣ୍ଡପାଣି ଶତପଥି, ଗଞ୍ଜାମ ବ୍ଲକ ସଭାପତି ରାମଚନ୍ଦ୍ର ପଲାଇ ଏବଂ ଧୀରେନ୍ଦ୍ର ଶତପଥିଙ୍କ ସମେତ ସଂଘ ଶତାଧିକ ସଦସ୍ୟ ମାନେ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରରେ ରକ୍ଷାବନ୍ଧନ

ଫିରିଙ୍ଗିଆ, ୯।୮(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ସରସ୍ୱତୀ ଶିଶୁ ମନ୍ଦିରରେ ଆଜି ପବିତ୍ର ରକ୍ଷାବନ୍ଧନ ପାଳିତ ହୋଇଛ। ପ୍ରଧାନ ଆଚାର୍ଯ୍ୟ ପ୍ରଦ୍ୟୁମ୍ନ କୁମାର ବିଶି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରି ଗୋ ମାତା ପୂଜନ ଓ ରକ୍ଷା ବନ୍ଧନର ମହତ୍ତ୍ୱ ବିଷୟରେ ବୁଝାଇଥିଲେ। ଗୁରୁଜୀ ବ୍ରଜବନ୍ଧୁ କହଁର ପରିଚୟ ପ୍ରଦାନ କରିଥିଲେ। ପରେ ଗୋ ମାତା ପୂଜନ କରାଯାଇଥିଲା। ଛାତ୍ର ଛାତ୍ରୀ ପରସ୍ପର ମଧ୍ୟରେ ରାଖି ବାନ୍ଧିବା ପରେ ପରସ୍ପରକୁ ମିଠା ଖୁଆଇଥିଲେ। ଶିଶୁ ମନ୍ଦିରର ଗୁରୁଜୀ, ଗୁରୁମାଙ୍କ ସହଯୋଗରେ ଉପରପଡ଼ା, ବିଶିସାହି, ପରିଛାସାହି, ଗୌଡ଼ସାହି, ଓଡ଼ିଆସାହି ଓ ଶ୍ରୀରାମନଗର ବୁଲି ଛାତ୍ରଛାତ୍ରୀ ରାଖି ବନ୍ଧିଥିଲେ।



## ଜି.ଉଦୟଗିରିରେ ରକ୍ଷାବନ୍ଧନ

ଜି.ଉଦୟଗିରି, ୯।୮(ସମିସ): ରଖିପୂର୍ଣ୍ଣିମା ଅବସରେ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁ ରାମ ବଳରାମ ବେଶରେ ଦର୍ଶନ ଦେଇଥିବା ବେଳେ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥିଲା। ଭଉଣୀ ମାନେ ପ୍ରଥମେ ମହାପ୍ରଭୁଙ୍କୁ ରାଖି ବାନ୍ଧିଲା ପରେ ନିଜ ନିଜ ଭାଇମାନଙ୍କ ହାତରେ ରାଖି ବାନ୍ଧିଥିଲେ। ଏହା ସହିତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ରକ୍ଷା ବନ୍ଧନ ପାଳିତ ହୋଇଛି। ଜି.ଉଦୟଗିରି ସ୍ୱାମୀ ବିବେକାନନ୍ଦ ଶିକ୍ଷକେନ୍ଦ୍ରରେ ଛାତ୍ରଛାତ୍ରୀ ଗଛକୁ ରାଖି ବାନ୍ଧି ତାକୁ ଯତ୍ନ ନେବାକୁ ଶପଥ ନେଇଛନ୍ତି।



# ଅବ୍ୟବସ୍ଥାରେ ଟିକାବାଲି ସାପ୍ତାହିକ ହାଟ

### ଟିକସ ଆଦାୟ କରି ଆର୍‌ଏମ୍‌ସି ଚୁପ୍; ଅସୁବିଧା ଭୋଗୁଛନ୍ତି ବ୍ୟବସାୟୀ

ଟିକାବାଲି, ୯।୮ (ସମିସ)

କନ୍ଧମାଳ ଜିଲ୍ଲା ଟିକାବାଲିରେ ପୂର୍ଣ୍ଣିମା ପାଇଁ ଦୋକାନ ବଜାରରେ ପ୍ରବଳ ଜନଗହଳି ପରିଲକ୍ଷିତ ହୋଇଥିବାବେଳେ ଶୁକ୍ରବାର ସାପ୍ତାହିକ ହାଟ ଥିବାରୁ ବଜାରରେ ଅଧିକ ଭିଡ଼ ହୋଇଥିଲା। ହେଲେ ହାଟରେ ଅବ୍ୟବସ୍ଥା ଯୋଗୁଁ କ୍ରେତା ଓ ବିକ୍ରେତା ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ସାପ୍ତାହିକ ହାଟକୁ ଅଞ୍ଚଳର ୨୦ କିଲୋମିଟର ପରିଧି ମଧ୍ୟରୁ ହଜାର ହଜାର ଲୋକ ଆସିଥାନ୍ତି। ହାଟରେ ଛେଳି, କୁକୁଡ଼ା, ଗାଈଗୋରୁ ଠାରୁ ଆରମ୍ଭ କରି ପନିପରିବା ଏବଂ ଶୁଖୁଆ, ଲୁଗାପଟା, ଜୋତା ଚପଲ ଇତ୍ୟାଦି ବିକ୍ରିବଟା ହୋଇଥାଏ। ବର୍ତ୍ତମାନ ଚାଷୀଙ୍କ ପନିପରିବା ବାହାରୁଥିବାରୁ ଜନଜାତି ଚାଷୀ ପନିପରିବା ଏହି ସାପ୍ତାହିକ ହାଟକୁ ଆଣୁଥିବା ବେଳେ ଏଠାରେ ବ୍ୟବସାୟୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। କିନ୍ତୁ ସାପ୍ତାହିକ ହାଟରେ ବ୍ୟବସାୟୀ ପସରା ଖୋଲିବା କିମ୍ବା ବ୍ୟବସାୟ ପାଇଁ ପର୍ଯ୍ୟାପ୍ତ ପରିମାଣରେ ଜାଗା ହେଉନାହିଁ। ଅଧା ସ୍ଥାନ ଆବର୍ଜନାରେ ପରିପୂର୍ଣ୍ଣ ଥିବାବେଳେ ଅଧା ଜାଗା ଲଟାବୁଦା ହୋଇ ଜଙ୍ଗଲ ପାଲଟିଛି। ଏଥିଯୋଗୁଁ ବ୍ୟବସାୟୀଙ୍କୁ ଜାଗା ମିଳୁନାହିଁ। ଅନ୍ୟ ଉପାୟ ନପାଇ ବ୍ୟବସାୟୀ ମୁଖ୍ୟା ରାସ୍ତାର ଦୁଇ ପାର୍ଶ୍ୱରେ ପସରା ଖୋଲି ବ୍ୟବସାୟ କରୁଥିବାରୁ ରାସ୍ତା ଅବରୋଧ ହୋଇ ଯାନବାହନ ଚଳପ୍ରଚଳ ବାଧାପ୍ରାପ୍ତ ହେଉଛି। ଏନେଇ ଅଞ୍ଚଳବାସୀ ଟିକାବାଲି ଥାନାକୁ ମୌଖିକ ଭାବେ ଜଣାଇଥିଲେ। ଥାନା ପକ୍ଷରୁ ବ୍ୟବସାୟୀଙ୍କୁ ଅନେକ ଥର ତାଗିଦ କରାଯାଉଛି। କିନ୍ତୁ ବ୍ୟବସାୟୀ ଅନ୍ୟ ଉପାୟ ନପାଇ ପଶୁ ଡାକ୍ତରଖାନାରୁ ଆରମ୍ଭ କରି ହାଟ ପରିସର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ କାରବାର କରୁଛନ୍ତି। ସାପ୍ତାହିକ ହାଟକୁ ଆର୍‌ଏମସି ପରିଚାଳନା କରୁଛି। ଆରଏମସି ବ୍ୟବସାୟୀଙ୍କ ଠାରୁ ଟିକସ ଆଦାୟ କରୁଥିବା ବେଳେ ମୌଳିକ ସୁବିଧା ଯୋଗାଇବାରେ ଚୁପ ରହୁଛି। ଏଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେଲେ ହାଟରେ ଉଭୟ କ୍ରେତା ଓ ବିକ୍ରେତା ଉପକୃତ ହୋଇପାରନ୍ତେ।



## ୧୦ରୁ ଫାଇଲେରିଆ ନିରାକରଣ ପାଇଁ ସାମୂହିକ ଔଷଧ ସେବନ

ବ୍ରହ୍ମପୁର, ୯।୮(ସମିସ): ଆସନ୍ତା ୧୦ରୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଫାଇଲେରିଆ ନିରାକରଣ ପାଇଁ ସମଗ୍ର ଜିଲ୍ଲାରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ(ଏମ୍‌ଡ଼ିଏ) ଆରମ୍ଭ ହେବ। ଏହି କାର୍ଯ୍ୟକ୍ରମ ଜରିଆରେ ଜିଲ୍ଲାର ୨୧ଲକ୍ଷ ୨୩ହଜାର ୬୫୫ଜଣ ଲୋକଙ୍କୁ ଫାଇଲେରିଆ ନିରୋଧ ଔଷଧ ଦିଆଯିବାକୁ ଲକ୍ଷ୍ୟ ରଖାଯାଇଛି। ଜିଲ୍ଲାର ବୁଗୁଡ଼ା, ଜଗନ୍ନାଥପ୍ରସାଦ, ପୋଲସରା, ଆସିକା, ବାଲିସିରା, କୋଦଳା, ବେଗୁନିଆପଡ଼ା, ଖଲ୍ଲିକୋଟ, ଖଣ୍ଡଦେଉଳି, କୁକୁଡ଼ାଖଣ୍ଡି, ଶେରଗଡ଼, ବଡ଼ଗଡ଼, ଆଡ଼ପଡ଼ା, ସାନଖେମୁଣ୍ଡି, ଦିଗପହଣ୍ଡି, ବୋମକେଇ ଓ ପାତ୍ରପୁର ସମେତ ୧୪ଟି ଗ୍ରାମାଞ୍ଚଳ ଏବଂ କୋଦଳା, ପୋଲସରା, ଆସିକା ଏବଂ ଗୋପାଳପୁର ଏନଏସିରେ ୧୦ରୁ ୧୯ତାରିଖ ମଧ୍ୟରେ ଏମ୍‌ଡ଼ିଏ କାର୍ଯ୍ୟକ୍ରମ ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ଏହି କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କୁ ଡିଇସି, ଆଲବେଣ୍ଡାଜଲ ଓ ଆଇଭରମେକ୍ଟିନ୍ ବଟିକା ଦିଆଯିବ। ଏଥି ନିମନ୍ତେ ଜିଲ୍ଲା ସ୍ୱାସ୍ଥ୍ୟବିଭାଗର ଅଧିକାରୀଙ୍କ ସହ ଆଶାକର୍ମୀ, ଅଙ୍ଗନବାଡ଼ି ଦିଦି ଓ ଅନ୍ୟ ସ୍ୱେଚ୍ଛାସେବୀଙ୍କୁ ଡ୍ରଗ ଆଡ଼ମିନିଷ୍ଟ୍ରେଟର ଭାବେ ଚିହ୍ନଟ କରାଯାଇଛି। ସେମାନଙ୍କ କାର୍ଯ୍ୟକୁ ତଦାରଖ କରିବା ପାଇଁ ୬୮୬ଜଣ ପର୍ଯ୍ୟବେକ୍ଷକ ରହିଛନ୍ତି। ଅନ୍ୟୁନ ଶତକଡ଼ା ୯୦ଭାଗ ଲୋକ ଡ୍ରଗ ଆଡ଼ମିନିଷ୍ଟ୍ରେଟରଙ୍କ ସମ୍ମୁଖରେ ଔଷଧ ଖାଇବାର ଲକ୍ଷ ରଖାଯାଇଛି। ଏମ୍‌ଡ଼ିଏ କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ପଞ୍ଚାୟତିରାଜ, ବିଦ୍ୟାଳୟ ଓ ଗଣଶିକ୍ଷା, ଉଚ୍ଚଶିକ୍ଷା, ମିଶନ ଶକ୍ତି, ମହିଳା ଓ ଶିଶୁ ବିକାଶ, ଶିଳ୍ପ ଓ ଖଣି, ଅନୁସୂଚିତ ଜାତି ଓ ଜନଜାତି, ନଗର ଉନ୍ନୟନ ବିଭାଗକୁ ଅନୁରୋଧ କରାଯାଇଥିବା ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ସୁଶାନ୍ତ କୁମାର ନାୟକ ସୂଚନା ଦେଇଛନ୍ତି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଏଡ଼ିଏମ ଏଫଡ଼ାବ୍ଲୁ ଡ଼ା. ଏସ. କାମେଶ୍ୱର ରାଓ, ଡ଼ା. ଦେବାଶିଷ ପଟ୍ଟନାୟକ, ସନ୍ତୋଷ କୁମାର ଷଡ଼ଙ୍ଗୀ ଓ ଦିଲ୍ଲୀପ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



